uti UTI Mutual Fund
Haq, ek behtar zindagi ka.
10 YEARS

# ୟୁଟିଆଇ ସ୍ୱତନ୍ତ୍ର

ନିବେଶକ ଶିକ୍ଷଣ ହେତୁ ଏକ ପଦକ୍ଷେପ | ସମର୍ଥନ ଧରିତ୍ରୀ

## ସନ୍ତୁଳନ ରକ୍ଷା ଖର୍ଚ୍ଚ ବନାମ ନିବେଶ

ଖର୍ଚ୍ଚ ଓ ନିବେଶ ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରିବାର ଆପଣଙ୍କ ସାମର୍ଥ୍ୟ ଦ୍ୱାରା ଆପଣଙ୍କ ଆଜୀବନ ସଞ୍ଚୟ ପ୍ରଭାବିତ ହୋଇଥାଏ। ଯଦି ଆପଣ ପ୍ରାରମ୍ଭିକ ବୟସରେ ଏହି ଦକ୍ଷତା ଶିଖିନିଅନ୍ତି, ତେବେ ଆପଣ ନିଜ ତଥା ନିଜ ପରିବାର ପାଇଁ ଧନ ସୃଜନ କରିପାରିବେ।



ଏହିସବୁ ଦିଗଗୁଡ଼ିକୁ ବିଚାରକୁ ନେଇ ଆପଣ ସେହି ସନ୍ତୁଳନକୁ ବଜାୟ ରଖିପାରିବେ:

### ନିଜ ଆୟ ଓ ବ୍ୟୟଗୁଡ଼ିକୁ ଟିପି ରଖନ୍ତୁ

ଯୁକ୍ତିସିଦ୍ଧ ଖର୍ଚ୍ଚ ଅଭିମୁଖେ ବଢ଼ିବା ଲାଗି ସମର୍ଥ ହେବା ପାଇଁ, ପ୍ରଥମେ ଆପଣଙ୍କ ନିକଟରେ ନିଜ ଆୟର ଉତ୍ସ ଓ ବ୍ୟୟକୁ ନେଇ ପୁଙ୍ଖାନୁପୁଙ୍ଖ ଜ୍ଞାନ ରହିବା ଜରୁରୀ। ସାଧାରଣ ତଥା ଅସାଧାରଣ ବ୍ୟୟଗୁଡ଼ିକୁ ଟିପି ରଖନ୍ତୁ। ନିଜ ଆୟର ଉତ୍ସଗୁଡ଼ିକର ତାଲିକା ପ୍ରସ୍ତୁତ କରିବା ସମୟରେ, ନିଜର ଟେକ୍-ହୋମ୍ ଦରମାକୁ ଧ୍ୟାନରେ ରଖିବା ସୁନିଶ୍ଚିତ କରନ୍ତୁ।

### ଅଫରଗୁଡ଼ିକର ଭରପୂର ଫାଇଦା ଉଠାନ୍ତୁ

ଶପିଂ ଆପଣଙ୍କୁ ଖୁସି ଦେଇପାରେ, କିନ୍ତୁ ସ୍ମାର୍ଟ ଶପିଂ ଆପଣଙ୍କୁ ତାହାଠାରୁ ଆହୁରି ଅନେକ କିଛି ଦେଇପାରିବ। ଅଫର୍, ରିହାତି, ଋତୁକାଳୀନ ସେଲ୍ ଏବଂ ଅନ୍ୟାନ୍ୟ ପ୍ରଚାରମୂଳକ ଡିଲ୍‌ଗୁଡ଼ିକ ଉପରେ ନଜର ରଖନ୍ତୁ। ଆପଣ ଚାହୁଁଥିବା ସାମଗ୍ରୀ କ୍ରୟ ପରେ ଆପଣ ଏକ ନିର୍ଦ୍ଦିଷ୍ଟ ଅର୍ଥରାଶି ସଞ୍ଚୟ କରିପାରିବେ। ସେହି ଟଙ୍କାକୁ ପ୍ରଥମେ ନିବେଶ କରନ୍ତୁ, ସମ୍ଭବତଃ ଲିକ୍ୱିଡ୍ ମ୍ୟୁଚୁଆଲ ଫଣ୍ଡରେ। ଏହାପରେ ଆପଣ ଧୀରେ ଧୀରେ ସେହି ଟଙ୍କାକୁ ସିଷ୍ଟମାଟିକ୍ ଟ୍ରାନ୍ସଫର୍ ପ୍ଲାନ୍ (ଏସ୍‌ଟିପି) ମାଧ୍ୟମରେ ଇକ୍ୱିଟି ଫଣ୍ଡକୁ ସ୍ଥାନାନ୍ତର କରିପାରିବେ।

### ନିଜ କ୍ରୟଗୁଡ଼ିକର ବିଶ୍ଳେଷଣ କରନ୍ତୁ

ଲକ୍ଷ୍ୟହୀନ ଭାବେ ଖର୍ଚ୍ଚ କରନ୍ତୁ ନାହିଁ । ନିଜ ଇଚ୍ଛା ଓ ଆବଶ୍ୟକତାଗୁଡ଼ିକର ତାଲିକା କରନ୍ତୁ ଓ ସେଗୁଡ଼ିକୁ ପ୍ରାଥମିକତା କ୍ରମରେ ସଜାନ୍ତୁ। ନିଜର ପ୍ରତ୍ୟେକ ଆବଶ୍ୟକତା ପାଇଁ ଯତ୍ନର ସହ ଟଙ୍କା ଆବଣ୍ଟନ କରନ୍ତୁ। ଆବେଗଶୀଳ କ୍ରୟରୁ ବିରତ ରହିଲେ, ଆପଣ ଚାହୁଁଥିବା ଜିନିଷ ପଛରେ ପ୍ରକୃତରେ ଖର୍ଚ୍ଚ କରିବା ଆବଶ୍ୟକ କି ନୁହେଁ ତାହା ବିଶ୍ଳେଷଣ କରିବାର ସମୟ ପାଇବେ।

### ଶୁଝିବାର ସାମର୍ଥ୍ୟ ଥିଲେ ହିଁ ଋଣ ନିଅନ୍ତୁ

ଖର୍ଚ୍ଚ ପାଇଁ ନିଜ କାର୍ଡକୁ ସ୍ୱାଇପ୍ କରିବା ସହଜ ମନେ ହୋଇପାରେ। ହେଲେ, ଏବେ ହେଉ କି ପରେ ହେଉ, ସେହି ଅର୍ଥରାଶିକୁ ଆପଣଙ୍କୁ ପରିଶୋଧ କରିବାକୁ ପଡ଼ିବ। ନିଜ କ୍ରେଡିଟ୍ କାର୍ଡ ବ୍ୟବହାରକୁ ନ୍ୟୁନତମ ରଖନ୍ତୁ। ଇଏମ୍‌ଆଇକୁ ଏଡ଼ାଇବା ପାଇଁ ଏସ୍‌ଆଇପି (ସିଷ୍ଟମାଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍) ଆରମ୍ଭ କରନ୍ତୁ । ଯାହା ବି ହେଲେ, କିସ୍ତି ପୈଠ କରିବା ଅପେକ୍ଷା କିସ୍ତିରେ ସଞ୍ଚୟ କରିବା ଭଲ।

### ବିଳମ୍ବିତ ତୃପ୍ତିର ବିକଳ୍ପ ବାଛନ୍ତୁ

ଆପଣ ଯାହା ବାଛିଛନ୍ତି ତାହାର ଲାଭ-କ୍ଷତିକୁ ତଉଲନ୍ତୁ। ଯଦି ଆପଣ ଏକ ଫ୍ୟାନ୍ସି କାଫେରୁ ଗୋଟିଏ କପ୍ କଫି ନ ପିଇ ସେହି ₹୫୦୦କୁ ନିବେଶ କରିଦିଅନ୍ତି, ତେବେ ସମୟକ୍ରମେ ଆପଣ କୋଟିପତି ହୋଇପାରିବେ ଏବଂ ସମ୍ଭବତଃ ଦିନେ ସେହି କାଫେର ମାଲିକ ହୋଇପାରିବେ। ମ୍ୟୁଚୁଆଲ ଫଣ୍ଡ ଏସ୍‌ଆଇପି ଆପଣଙ୍କୁ ₹୫୦୦ ମଧ୍ୟ ନିବେଶ କରିବାର ଅନୁମତି ଦେଇଥାଏ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

ଏହାପରେ କ'ଣ ? ଖର୍ଚ୍ଚକୁ ଯୁକ୍ତିସିଦ୍ଧ କରିବା ଏବଂ ଏକ ଉତ୍ତମ ଭବିଷ୍ୟତ ପାଇଁ ନିବେଶ କରିବାରେ ସମର୍ଥ ହେବା ପାଇଁ, ଆପଣ ସଞ୍ଚୟକୁ ପ୍ରାଥମିକତା ଦେବା ଜରୁରୀ। ସଞ୍ଚୟ, ଖର୍ଚ୍ଚ ଓ ନିବେଶ ସମ୍ପର୍କରେ କିମ୍ବଦନ୍ତୀ ପୁରୁଷମାନେ ଅନେକ କିଛି କହିଛନ୍ତି। ଆସନ୍ତୁ, ତାହା ଉପରେ ନଜର ପକାଇବା।

## କିମ୍ବଦନ୍ତୀ ପୁରୁଷମାନେ କ'ଣ କୁହନ୍ତି

"ଯଦି ତୁମେ ଅଦରକାରୀ ଜିନିଷଗୁଡ଼ିକୁ କିଣିବା ଜାରି ରଖିବ, ତେବେ ଖୁବ୍‌ଶୀଘ୍ର ତୁମକୁ ଦରକାରୀ ଜିନିଷଗୁଡ଼ିକୁ ବିକିବାକୁ ପଡ଼ିବ।"
- ୱାରେନ୍ ବଫେଟ୍

**ଏହାର ତାତ୍ପର୍ଯ୍ୟ କ'ଣ:** ଯେବେ ଆପଣଙ୍କ ଦରମା କ୍ରେଡିଟ୍ ହୁଏ କିମ୍ବା ଆପଣ ବୋନସ୍ ପାଆନ୍ତି, ମନଖୋଲା ଖର୍ଚ୍ଚ କରିବା ପାଇଁ ଇଚ୍ଛା ହୁଏ। କିନ୍ତୁ, ଯଦି ଆପଣ ତାହା କରନ୍ତି ତେବେ ଆପଣଙ୍କୁ ପରବର୍ତ୍ତୀ ସମୟରେ ନିୟମିତ ଖର୍ଚ୍ଚକୁ ପୂରଣ କରିବା ପାଇଁ ମଧ୍ୟ ଆପଣଙ୍କୁ ଟଙ୍କା ଅଭାବ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ଟିପ୍:** ନିଜ ଆର୍ଥିକ ଲକ୍ଷ୍ୟଗୁଡ଼ିକକୁ ନେଇ ଆପଣଙ୍କର ସ୍ପଷ୍ଟ ଜ୍ଞାନ ରହିବା ଆବଶ୍ୟକ। ଆପଣ କ'ଣ ଚାହାନ୍ତି ତାହା ଜାଣିଥିଲେ, ଏଣୁତେଣୁ ଜିନିଷ କିଣାକିଣି କରିବାରୁ ଆପଣ ଦୂରେଇ ରହିବେ।

"ଖର୍ଚ୍ଚ ପରେ ଯାହା ବଳିଲା ତାକୁ ସଞ୍ଚୟ କରନାହିଁ, ସଞ୍ଚୟ କଲାପରେ ଯାହା ବଳିଲା ତାକୁ ଖର୍ଚ୍ଚ କର ।"
- ୱାରେନ୍ ବଫେଟ୍

**ଏହାର ତାତ୍ପର୍ଯ୍ୟ କ'ଣ:** ସଞ୍ଚୟକୁ ପ୍ରାଥମିକତା ଦିଆଯିବା ଜରୁରୀ। ପ୍ରବାଦ ଠିକ୍ କହିଥାଏ, ଯେ ଆଜି ଟଙ୍କା ସଞ୍ଚୟ କର କାରଣ ଏହା ଭବିଷ୍ୟତରେ ତୁମକୁ ରକ୍ଷା କରିବ।

**ଟିପ୍:** ଖର୍ଚ୍ଚ ଓ ସଞ୍ଚୟ ପାଇଁ ୫୦-୨୦-୩୦ର ନିୟମ ଅନୁସରଣ କରନ୍ତୁ । ଆହୁରି ମଧ୍ୟ, ନିଜ ସଞ୍ଚୟକୁ ସ୍ୱଚାଳିତ କରନ୍ତୁ।

"ଛୋଟ ଛୋଟ ଖର୍ଚ୍ଚ ପ୍ରତି ସାବଧାନ, ଏକ ଛୋଟିଆ କଣା ବଡ଼ ଜାହାଜକୁ ବୁଡ଼ାଇଦେଇପାରେ।"
- ବେଞ୍ଜାମିନ ଫ୍ରାଙ୍କଲିନ

**ଏହାର ତାତ୍ପର୍ଯ୍ୟ କ'ଣ:** ଛୋଟ ଛୋଟ ଖର୍ଚ୍ଚଗୁଡ଼ିକ ମଧ୍ୟ ସମୟକ୍ରମେ ଟଙ୍କା ଅଭାବର କାରଣ ସାଜିପାରେ।

**ଟିପ୍:** ଖର୍ଚ୍ଚଗୁଡ଼ିକ ଉପରେ ନଜର ରଖିବା ଆରମ୍ଭ କରନ୍ତୁ। ଅନେକ ଅନ୍‌ଲାଇନ୍ ଓ ମୋବାଇଲ୍ ଆପ୍‌ସ ଅଛି ଯାହା ଆପଣଙ୍କ ଖର୍ଚ୍ଚର ରେକର୍ଡ ରଖିପାରିବ, ଯାହାଦ୍ୱାରା ଆପଣ ବେଳହୁଁ ସାବଧାନ ହୋଇପାରିବେ।

"ତୁମ ଦରମା ତୁମକୁ ଧନୀ କରି ନ ଥାଏ, ତୁମକୁ ଧନୀ କରିଥାଏ ତୁମ ଖର୍ଚ୍ଚ ଅଭ୍ୟାସ।"
- ଚାର୍ଲସ୍ ଜାଫେ

**ଏହାର ତାତ୍ପର୍ଯ୍ୟ କ'ଣ:** ଆପଣଙ୍କ ଦରମା ମାସକୁ ଲକ୍ଷାଧିକ ହୋଇପାରେ, ସଞ୍ଚୟ କିମ୍ବା ନିବେଶ ନ କରି ଖର୍ଚ୍ଚରେ ଉଡ଼ାଇଲେ ଆପଣଙ୍କ ଧନବୃଦ୍ଧି ହେବନାହିଁ ।

**ଟିପ୍:** ନିଜର ଦରମାର ଏକ ନିର୍ଦ୍ଦିଷ୍ଟ ଅଂଶକୁ ପ୍ରତିମାସ ନିବେଶ କରନ୍ତୁ। ଏହା ସିଷ୍ଟମାଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍‌ଆଇପି) ମାଧ୍ୟମରେ ହୋଇପାରେ। ନିୟମିତ ମାସିକ ନିବେଶ ଦ୍ୱାରା, ଆପଣ ଏକ ଛୋଟ ପରିମାଣକୁ ବଡ଼ ପରିମାଣର ଅର୍ଥରାଶିରେ ପରିଣତ କରିପାରିବେ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

### କ୍ୟୁଆର୍ କୋଡ୍ ଡାଉନ୍‌ଲୋଡ୍ ଓ ସ୍କାନ୍ କରିବାର ପଦ୍ଧତି:

୧) ନିଜ ଫୋନ୍‌ରେ କ୍ୟୁଆର୍ କୋଡ୍ ଆପ୍ ଡାଉନ୍‌ଲୋଡ୍ କରନ୍ତୁ । ୨) ଆପ୍‌କୁ ଚଲାନ୍ତୁ ଓ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ । ୩) ଆପଣଙ୍କ ସ୍ମାର୍ଟଫୋନ୍ କୋଡ୍‌କୁ ପଢ଼ିବ ଓ ଆପଣଙ୍କୁ ଗନ୍ତବ୍ୟସ୍ଥଳୀରେ ପହଞ୍ଚାଇବ ।

ନିଜ ପାଇଁ ସ୍ଥିର କରିଥିବା ସମସ୍ତ ମାଇଲଖୁଣ୍ଟରେ ପହଞ୍ଚିବା ଲାଗି ଆପଣଙ୍କୁ କେତେ ପରିମାଣର ଅର୍ଥରାଶି ନିବେଶ କରିବାକୁ ହେବ ଏହା ହିସାବ କରିବା ପାଇଁ ଏହି କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ

ଆପଣ ନିବେଶ ଆରମ୍ଭ କରିବା ପୂର୍ବରୁ ଆର୍ଥିକ ଯୋଜନା କରିବା କାହିଁକି ଜରୁରୀ ଜାଣିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

ଅବସର ଗ୍ରହଣ ସମୟରେ ଆପଣଙ୍କ ପାଖରେ କେତେ ଟଙ୍କା ରହିଥିବା ଦରକାର ଏ ସମ୍ପର୍କରେ କେବେ ଭାବିଛନ୍ତି କି? ଜାଣିବା ପାଇଁ ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ।

### ଏସ୍‌ଆଇପି ଆପଣଙ୍କ ଖର୍ଚ୍ଚ ଅଭ୍ୟାସକୁ ଯୁକ୍ତିସିଦ୍ଧ କରିବାରେ ସହାୟତା କରିପାରିବ।

ଜଣେ ବିଜ୍ଞ ଖର୍ଚ୍ଚୀ ହେବା ପାଇଁ ଏବେ ବି ବିଳମ୍ବ ହୋଇନାହିଁ, ଆଜି ହିଁ ଆରମ୍ଭ କରନ୍ତୁ।

ଅଧିକ ବିବରଣୀ ପାଇଁ, ଆମକୁ ଟୁଇଟର୍ @utimutualfund ରେ ଫଲୋ କରନ୍ତୁ, ପ୍ରଶ୍ନ କିମ୍ବା ମତାମତ ଇମେଲ୍ କରନ୍ତୁ: utiswatantra2@swatantra.co.in ରେ
■ ଦୟାକରି ବିଷୟ ଧାଡ଼ିରେ "Swatantra in Dharitri' ଲେଖନ୍ତୁ । ■ ଏପରି ଅଧିକ ଆର୍ଥିକ ଉପଦେଶ ପାଇଁ ଆମ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: http://www.utiswatantra.com

## ସ୍ୱତନ୍ତ୍ର କୁମାର ବୁଝାନ୍ତି: ୫୦-୨୦-୩୦ର ନିୟମ

ଆମେରିକାର ଜଣେ ବ୍ୟବସାୟୀ ଥରେ କହିଥିଲେ, "ଆପଣଙ୍କ ଟଙ୍କା କୁଆଡ଼େ ଗଲା ତାହା ଚିନ୍ତା କରିବା ପରିବର୍ତ୍ତେ ଆପଣଙ୍କ ଟଙ୍କା କୁଆଡ଼େ ଯିବ ବଜେଟ ତାହା କହିଥାଏ।" ନିଜ ଅର୍ଥକୁ ନିଜ ନିୟନ୍ତ୍ରଣକୁ ଆଣିବା ପାଇଁ ତଳେ ଏକ ସରଳ ବଜେଟିଂ ନିୟମ ଦିଆଗଲା।

### ୫୦-୨୦-୩୦ର ନିୟମ

**ସୋପାନ ୧:** ଆପଣଙ୍କ ଟିକସ-ପରବର୍ତ୍ତୀ କିମ୍ବା ଟେକ୍-ହୋମ୍ ଦରମା ହିସାବ କରନ୍ତୁ

**ସୋପାନ ୨:** ଏହାକୁ ଏକ ୫୦-୨୦-୩୦ ଅନୁପାତରେ ବିଭକ୍ତ କରନ୍ତୁ

**ସୋପାନ ୩:** ୫୦%କୁ ନିଜର ଜରୁରୀ ଆବଶ୍ୟକତା ପାଇଁ ଅଲଗା କରନ୍ତୁ। ଏହା ମଧ୍ୟରେ ଖାଦ୍ୟ, ପୋଷାକ, ଆଶ୍ରୟ ଇତ୍ୟାଦି ଅନ୍ତର୍ଭୁକ୍ତ

**ସୋପାନ ୪:** ୨୦%କୁ ସଞ୍ଚୟ, ନିବେଶ ଏବଂ କରଜ-ହ୍ରାସକାରୀ ପରିଶୋଧ (ଯଦି ଥାଏ) ପାଇଁ ଆବଣ୍ଟନ କରନ୍ତୁ।

**ସୋପାନ ୫:** ଅବଶିଷ୍ଟ ୩୦% ଆପଣଙ୍କ ଇଚ୍ଛାଗତ ଆବଶ୍ୟକତା ପାଇଁ ବ୍ୟବହାର କରାଯାଇପାରିବ। ଯେପରି ବୁଲିବାକୁ ଯିବା, ଅବକାଶ, ସଦ୍ୟତମ ଫୋନ୍ ପଛରେ ଖର୍ଚ୍ଚ ଆଦି

୫୦-୨୦-୩୦ର ନିୟମ ସହିତ ଆପଣ ନିଜର ଆବଶ୍ୟକତା ଓ ଇଚ୍ଛା ମଧ୍ୟରେ ଏକ ସନ୍ତୁଳନକୁ ସୁନିଶ୍ଚିତ କରିପାରିବେ ଏବଂ ସଞ୍ଚୟ ତଥା ନିବେଶ ମାଧ୍ୟମରେ ଆର୍ଥିକ ସୁରକ୍ଷା ହାସଲ କରିପାରିବେ।

**ଧ୍ୟାନରେ ରଖନ୍ତୁ:**
୫୦-୨୦-୩୦ ନିୟମ ବଜେଟିଂ ପାଇଁ ଏକ ଆରମ୍ଭ ବିନ୍ଦୁ ଓ ଦିଗ ଯୋଗାଇଥାଏ । ନିଜ ପରିସ୍ଥିତି ଅନୁଯାୟୀ ଆପଣ ଅନୁପାତକୁ ବଦଳାଇପାରିବେ।
ଉଦାହରଣସ୍ୱରୂପ, ଯଦିଓ ନିୟମ ଆପଣଙ୍କୁ ନିଜ ଆୟର ୨୦% ସଞ୍ଚୟ କରିବାକୁ ପ୍ରୋତ୍ସାହିତ କରିଥାଏ, ତଥାପି ଆପଣ ଯେତେ ଅଧିକ ସଞ୍ଚୟ କରିବେ, ଆପଣଙ୍କ ଆର୍ଥିକ ଭବିଷ୍ୟତ ସେତେ ଭଲ ହେବ। ତେଣୁ, ଯଦି ଆପଣଙ୍କ ଆର୍ଥିକ ସ୍ଥିତି ଅନୁମତି ଦେଉଥାଏ ତେବେ ଅଧିକରୁ ଅଧିକ ସଞ୍ଚୟ କରନ୍ତୁ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

## ଜାଣିବା କଥା

ୟୁଏସ୍‌ରେ ପ୍ରତିବର୍ଷ ୧୮ ଜୁନ୍ ଦିନ ନ୍ୟାଶନାଲ ସ୍ଲର୍ଜ ଡେ' ପାଳନ କରାଯାଇଥାଏ। ଏହି ନିଆରା ଦିବସର ସୂତ୍ରପାତ ହୋଇଥିବା ୧୯୯୪ରେ, ଜଣେ ଆମେରିକାନ୍ ଇଭେଣ୍ଟୋଲୋଜିଷ୍ଟ ଏଡ୍ରିଏନ୍ ସିଓକ୍ସ କୁପରସ୍ମିଥ୍‌ଙ୍କ ଦ୍ୱାରା। ଏହି ଦିବସର ଉଦ୍ଦେଶ୍ୟ ହେଉଛି ଦ୍ୱିତୀୟ ଥର ଚିନ୍ତା ନ କରି ମନଖୋଲି ଟଙ୍କା ଖର୍ଚ୍ଚ କରିବା। ଏହି ଦିବସରେ, ଲୋକମାନେ ନିଜକୁ ଖୁସି ଓ ସନ୍ତୁଷ୍ଟ କରିବା ପାଇଁ ଯାହା ଇଚ୍ଛା ତାହା କରିପାରିବେ। ଏହା ମଧ୍ୟରେ ଦାମୀ ଉତ୍ପାଦ କିଣିବା, ଛୁଟି କଟାଇବା ପାଇଁ ବୁକିଂ କରିବା, ନିଜ ଖାସ୍ ଲୋକଙ୍କ ପାଇଁ ମହଙ୍ଗା ଉପହାର କିଣିବା ଇତ୍ୟାଦି।

## ବିଶେଷଜ୍ଞ କୁହନ୍ତି

**ଜଣେ ପାଠକ ଆମକୁ ପଚାରିଛନ୍ତି: ବ୍ୟୟ ଅନୁପାତ କ'ଣ ?**
**ବିଶେଷଜ୍ଞ ଏହି ଉତ୍ତର ଦେଇଛନ୍ତି**

**ଭୀମସେନ ଦାସ**
ଆର୍ଥିକ ପରାମର୍ଶଦାତା

ବ୍ୟୟ ଅନୁପାତ (ଇଆର୍), ବେଳେବେଳେ ପରିଚାଳନା ବ୍ୟୟ ଅନୁପାତ (ଏମ୍‌ଇଆର୍) ଭାବେ ମଧ୍ୟ ପରିଚିତ, ପ୍ରଶାସନିକ ଏବଂ ଅନ୍ୟାନ୍ୟ ପରିଚାଳନାଗତ ବ୍ୟୟ ପାଇଁ ଏକ ଫଣ୍ଡର ଆସେଟ୍ କେତେ ପରିମାଣରେ ବ୍ୟବହୃତ ହୁଏ ତାହା ମାପିଥାଏ । ଫଣ୍ଡର ପରିଚାଳନାଗତ ବ୍ୟୟକୁ ଏହାର ପରିଚାଳନାଧୀନ ଆସେଟ୍ (ଏୟୁଏମ୍)ର ହାରାହାରି ଟଙ୍କା ମୂଲ୍ୟ ଦ୍ୱାରା ବିଭାଜିତ କରାଯାଇ ନିର୍ଦ୍ଧାରଣ କରାଯାଇଥାଏ । ପରିଚାଳନାଗତ ବ୍ୟୟ ଫଣ୍ଡର ଆସେଟ୍‌କୁ ହ୍ରାସ କରିଥାଏ, ଯାହାଫଳରେ ନିବେଶଙ୍କ ପାଇଁ ରିଟର୍ନ ହ୍ରାସିତ ହୁଏ । ଫଣ୍ଡ କିମ୍ବା ଷ୍ଟକ୍ ଅନୁଯାୟୀ ପରିଚାଳନାଗତ ବ୍ୟୟ ଭିନ୍ନ ଭିନ୍ନ ହୋଇଥାଏ , ତଥାପି ଫଣ୍ଡ ମଧ୍ୟରେ ବ୍ୟୟ ଅପେକ୍ଷାକୃତ ସ୍ଥିର ରହିଥାଏ । ଉଦାହରଣସ୍ୱରୂପ, ସ୍ୱଳ୍ପ ବ୍ୟୟଧାରୀ ଏକ ଫଣ୍ଡରେ ସାଧାରଣତଃ ସ୍ୱଳ୍ପ ବ୍ୟୟ ବଜାୟ ରହିଥାଏ । ପରିଚାଳନାଗତା ବ୍ୟୟର ସବୁଠାରୁ ବଡ଼ ଉପାଦାନ ହେଉଛି ଫଣ୍ଡର ନିବେଶ ପରିଚାଳକ କିମ୍ବା ପରାମର୍ଶଦାତାଙ୍କୁ ପୈଠ କରାଯାଉଥିବା ପାଉଣା।

## ଗୁରୁ କୁହନ୍ତି

**ଗଗନ ଚରଣ ବାରିକ**
ଆର୍ଥିକ ପରାମର୍ଶଦାତା

**ମୋ ଝିଅର ବୟସ ୫ ବର୍ଷ। ତା' କଲେଜ ଶିକ୍ଷା ପାଇଁ ପର୍ଯ୍ୟାପ୍ତ ପାଣ୍ଠି ଗଢ଼ିବା ଲାଗି ମୁଁ କେଉଁଠାରେ ନିବେଶ କରିବା ଉଚିତ ?**

ଭାରତରେ ଶିକ୍ଷା ଦିନକୁ ଦିନ ମହଙ୍ଗା ହେବାରେ ଲାଗିଛି। ଭାରତରେ ଭଲ ସ୍କୁଲ ଶିକ୍ଷା ହାସଲ କରିବା ବାବଦୀୟ ଖର୍ଚ୍ଚ ଆକାଶକୁ ଛୁଇଁଲାଣି। ତେଣୁ, ଆପଣଙ୍କୁ ଏକ ଉତ୍ତମ ନିବେଶ ପୋର୍ଟଫୋଲିଓ ସହିତ ଏକ ଆର୍ଥିକ ରଣନୀତିକୁ କାର୍ଯ୍ୟକାରୀ କରିବାକୁ ହେବ। ମ୍ୟୁଚୁଆଲ ଫଣ୍ଡ ଏସ୍‌ଆଇପି ମାଧ୍ୟମରେ ନିବେଶ କରିବାର ଏକ ଭଲ ଉପାୟ ଯୋଗାଇଥାଏ ଓ ଆପଣଙ୍କ ପାଣ୍ଠିକୁ ଶୀଘ୍ର ବୃଦ୍ଧି କରିବାରେ ସହାୟତା କରିଥାଏ । ଆପଣଙ୍କ ଆୟ ତଥା ଆପଣଙ୍କ ମାସିକ ବ୍ୟୟକୁ ବିଚାରକୁ ନେଇ, ଆପଣ ଏସ୍‌ଆଇପିରେ ନିବେଶ ଲାଗି ଏକ ଉପଯୁକ୍ତ ପରିମାଣ ସ୍ଥିର କରିବାରେ ସକ୍ଷମ ହୋଇପାରିବେ। ବଡ଼ ପରିମାଣର ଅର୍ଥରାଶି ଥିବା ପାଣ୍ଠି ଆପଣଙ୍କ ଲକ୍ଷ୍ୟ ହୋଇଥିବାରୁ, ଏପରି ଏସ୍‌ଆଇପିକୁ ଦୀର୍ଘ-ମିଆଦୀ କରାଯିବା ଉଚିତ। ନିୟମିତ ଭାବେ ଛୋଟ ଛୋଟ ପରିମାଣରେ ନିବେଶ କରିବା ଆପଣଙ୍କ ପକେଟକୁ ବାଧିବ ନାହିଁ ଏବଂ ଆପଣ ସମୟୋଚିତ ଢଙ୍ଗରେ ନିଜ ଲକ୍ଷ୍ୟର ପାଣ୍ଠିରେ ପହଞ୍ଚିବାରେ ସହାୟତା ପାଇପାରିବେ। ଅଧିକନ୍ତୁ, ଏସ୍‌ଆଇପି ମାଧ୍ୟମରେ ନିବେଶ କଲେ, ଆପଣଙ୍କୁ ବଜାର ଉତ୍ଥାନ-ପତନ ଉପରେ ନଜର ରଖିବାକୁ ପଡ଼ିବ ନାହିଁ ।

ପରବର୍ତ୍ତୀ ସଂସ୍କରଣରେ: ବଜେଟିଂ ହେଉଛି ସନ୍ତୁଳିତ ଖର୍ଚ୍ଚ ଅଭିମୁଖେ ପ୍ରଥମ ପଦକ୍ଷେପ।
ଏକ ସରପ୍ଲସ୍ ବଜେଟ ପ୍ରସ୍ତୁତ କରିବାର ଉପାୟ ଓ କୌଶଳଗୁଡ଼ିକ ଉପରେ ଚାଲନ୍ତୁ ଆମେ ପରବର୍ତ୍ତୀ ସଂସ୍କରଣରେ ନଜର ପକାଇବା।

f LIVE ମାସର ଶେଷ ଦିନ - ଆପଣ ଦରମା ପାଆନ୍ତି । ମାସର ପ୍ରଥମ ଦିନ - ନିଜ ବଜେଟ ପ୍ରସ୍ତୁତ କରନ୍ତୁ । ଏକ ବ୍ୟକ୍ତିଗତ ବଜେଟର ଗୁରୁତ୍ୱ ସମ୍ପର୍କରେ ଜାଣିବା ପାଇଁ ୨୦ ଜୁନ୍ ୨୦୧୯ ଅପରାହ୍ନ ୫ ଘଟିକା ପରଠାରୁ ୟୁଟିଆଇ ସ୍ୱତନ୍ତ୍ର ଫେସ୍‌ବୁକ୍ ଲାଇଭ୍ ଶୋ': 'ମନଖୋଲା ଖର୍ଚ୍ଚର ଯୁଗରେ ବଜେଟିଂ' ଦେଖନ୍ତୁ।

ମ୍ୟୁଚୁଆଲ ଫଣ୍ଡ ନିବେଶ ବଜାରର ରିସ୍କ ଉପରେ ନିର୍ଭର କରିଥାଏ, ସ୍କିମ୍ ସମ୍ପର୍କିତ ସମସ୍ତ କାଗଜପତ୍ରକୁ ଯତ୍ନର ସହିତ ପଢ଼ନ୍ତୁ ।



ମ୍ୟୁଚୁଆଲ୍ ଫଣ୍ଡ ନିବେଶ ବଜାର ଆପଦ ଅଧୀନ ଅଟେ, ସମସ୍ତ ଯୋଜନା ସମ୍ବନ୍ଧିତ ଦସ୍ତାବିଜ୍‌କୁ ଧ୍ୟାନ ସହକାରେ ପଢନ୍ତୁ ।

## ସଂକ୍ଷେପରେ

### 'ମୁଖ୍ୟମନ୍ତ୍ରୀଙ୍କ କେନ୍ଦ୍ରାପଡ଼ା ଗସ୍ତ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ'

**କେନ୍ଦ୍ରାପଡା ଅଫିସ, ୧୬।୬:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର କେନ୍ଦ୍ରାପଡ଼ା ଗସ୍ତ କରାବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସେ ଇଚ୍ଛାପୁରସ୍ଥିତ ଶ୍ରୀବଳଦେବ ଜୀଉଙ୍କ ମନ୍ଦିରକୁ ଯାଇ ସ୍ନାନ ମଣ୍ଡପରେ ଶ୍ରୀଜୀଉଙ୍କ ଗଜ ବଦନ ବେଶ ଦର୍ଶନ କରିବେ ବୋଲି ଜଣାପଡ଼ିଛି। ତେବେ ମୁଖ୍ୟମନ୍ତ୍ରୀଙ୍କର ଏହି ଗସ୍ତ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ସାମାଜିକ ଗଣମାଧମରେ ଜୋରଦାର ଚର୍ଚ୍ଚା ହେଉଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ମଧ ଆଲୋଚନା ହେଉଛି। ଆଲୋଚନା ଅନୁସାରେ, ଭାଜପାର ୨ ହେଭିୱେଟ ବୈଜୟନ୍ତ ପଣ୍ଡା ଓ ବିଜୟ ମହାପାତ୍ର କେନ୍ଦ୍ରାପଡ଼ା ଜିଲାରୁ ପ୍ରାର୍ଥୀ ହୋଇଥିବାରୁ, ସେମାନଙ୍କୁ ଟାର୍ଗେଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏକାଧିକ ଥର କେନ୍ଦ୍ରାପଡ଼ା ଗସ୍ତ କରୁଛନ୍ତି। ଗତ ସାଧାରଣ ନିର୍ବାଚନ ବେଳେ କେନ୍ଦ୍ରାପଡ଼ା ଏମ୍‌ପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଟାର୍ଗେଟରେ ରହିଥିଲେ। ସେହିପରି ଆଗକୁ ପାଟକୁରା ବିଧାନସଭା ଆସନ ପାଇଁ ନିର୍ବାଚନ ଥିବାରୁ ମୁଖ୍ୟମନ୍ତ୍ରୀ ନିଶ୍ଚିତ ଭାବେ ରାଜନୈତିକ ଉଦ୍ଦେଶ୍ୟ ରଖି କେନ୍ଦ୍ରାପଡ଼ା ଆସୁଛନ୍ତି ବୋଲି ଆଲୋଚନା ହେଉଛି। ବିଜୟଙ୍କୁ ହରାଇବା ପାଇଁ ବିଜେଡିର ତୁଙ୍ଗନେତାମାନେ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ବିଜେପୁର ଉପନିର୍ବାଚନ ପାଇଁ ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ୟାକେଜ ଘୋଷଣା କରିଥିବା ବେଳେ କେନ୍ଦ୍ରାପଡା ଜିଲା ଏଥିରୁ ବଞ୍ଚିତ ହୋଇଛି। ଶ୍ରୀଜୀଉଙ୍କୁ ଦର୍ଶନ ଅବସରରେ ଜିଲା ପାଇଁ କେତେକ ପ୍ୟାକେଜ ଘୋଷଣା କରିପାରନ୍ତି ବୋଲି ବିଶ୍ଳେଷକମାନେ ମତପ୍ରକାଶ କରିଛନ୍ତି।

### ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବେଦପ୍ରକାଶଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡା ଅଫିସ, ୧୬।୬:** କେନ୍ଦ୍ରାପଡ଼ା ଜିଲା ପ୍ରତିଭା ପୂଜା ସଂସଦ ପକ୍ଷରୁ ସହରର ମାଧପୁରସ୍ଥିତ କଲ୍ୟାଣମଣ୍ଡପ ପରିସରରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ସଂସଦ ସଭାପତି ପ୍ରଦୀପ କୁମାର ଦାସ ଅଧକ୍ଷତା କରିଥିଲେ। ଏଥିରେ ପୂର୍ବତନ ବିଧାୟିକା ଡା. ସିପ୍ରା ମଲ୍ଲିକ, ଡ. ବାସୁଦେବ ଦାସ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଶିକ୍ଷାବିତ୍ ଅଜୟ କୁମାର ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ସ୍ୱର୍ଗତ ଅଗ୍ରୱାଲଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଜିଲା ବିକାଶରେ ତାଙ୍କର ଅବଦାନକୁ ସ୍ମୃତିଚାରଣ କରିଥିଲେ। ସେମାନେ ପ୍ରକାଶ କରିଥିଲେ ଯେ, ମୂଲ୍ୟବୋଧ ଭିତ୍ତିକ ରାଜନୀତିରେ ସ୍ୱର୍ଗତ ଅଗ୍ରୱାଲ ବିଶ୍ୱାସ ରଖୁଥଲେ। ଏଥିପାଇଁ ସେ ରାଜ୍ୟରେ ଅତ୍ୟନ୍ତ ଜନପ୍ରିୟ ଥିବାବେଳେ କର୍ମୀବତ୍ସଳ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ହଳଧର ସେଠୀ, ପୂର୍ବତନ ପୌରାଧକ୍ଷ ଧୀରେନ ସାହୁ, ବରିଷ୍ଠ ବିଜେଡି ନେତା ଦେବଦାସ ମହାନ୍ତି, ବୁଦ୍ଧିଜୀବୀ ସଚ୍ଚିଦାନନ୍ଦ ବେହେରା, ଚିତ୍ତରଞ୍ଜନ ଦାସ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ମନୋଜ ଦାସ, ଗୋଲଖ ଚନ୍ଦ୍ର ପଢ଼ିହାରୀ ପ୍ରମୁଖ ପରିଚାଳନା କରିଥିଲେ।

# ଉପାନ୍ତ ଅଞ୍ଚଳରେ ବଢୁଛି କୁମ୍ଭୀର ଉପଦ୍ରବ

**ଆଳି, ୧୬।୬ (ଡି.ଏନ୍.ଏ.)**

- ବନ ବିଭାଗ ଅବହେଳା ନେଇ ଅସନ୍ତୋଷ
- ଆତଙ୍କିତ ଅବସ୍ଥାରେ ଉପାନ୍ତ ଅଞ୍ଚଳବାସୀ

ଆଳି ବ୍ଲକର ଚତୁଃପାର୍ଶ୍ୱରେ ଘେରି ରହିଛି ବ୍ରାହ୍ମଣୀ, ଖରସ୍ରୋତା ଓ ଶାଖା କାଣୀ ନଦୀ। ବ୍ଲକର ଅଧିକାଂଶ ଗ୍ରାମବାସୀ ଏହିସବୁ ନଦୀକୂଳରେ ବସବାସ କରୁଥିବା ବେଳେ ନଦୀ ପାଣିକୁ ଦୈନିକ ବ୍ୟବହାର କରିଥାନ୍ତି। ତେବେ ନଦୀରେ ଗାଧୋଇବା ବା ବାସନ ଧୋଇବା ସମୟରେ ଗ୍ରାମବାସୀ ଅନେକ ସମୟରେ କୁମ୍ଭୀର ହାବୁଡ଼ରେ ପଡ଼ି ଗୁରୁତର ହେଉଥିବା ଦେଖାଯାଉଛି। ଏଥିସହ କେତେଜଣଙ୍କର ମୃତ୍ୟୁ ଘଟିଥିବା ନଜିର ରହିଛି। ପୂର୍ବାପେକ୍ଷା ଏବେ ଏହି ସବୁ ନଦୀରେ କୁମ୍ଭୀର ଉପଦ୍ରବ ବଢ଼ିବାରେ ଲାଗିଛି। ଭିତରକନିକା ଭିତରେ ପ୍ରବାହିତ ନଦୀଗୁଡ଼ିକରେ କୁମ୍ଭୀର ରହୁଥିବା ବେଳେ ଅନେକ ସମୟରେ ସେମାନେ ଜାତୀୟ ଉଦ୍ୟାନ ସୀମା ପାର ହୋଇ ଅନ୍ୟ ନଦୀଗୁଡ଼ିକୁ ଚାଲିଯାଉଛନ୍ତି। ତେବେ ଏହି ନଦୀଗୁଡ଼ିକରେ କୁମ୍ଭୀର ଚଳପ୍ରଚଳ ହେବା ଯୋଗୁ ସ୍ଥାନୀୟ ଅଧିବାସୀ ଆତଙ୍କିତ ହୋଇ ପଡ଼ିଛନ୍ତି। ତେବେ ବନ ବିଭାଗ ପକ୍ଷରୁ ଲୋକଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯାଉ ନଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କୁମ୍ଭୀର ଯାତାୟାତ କରୁଥିବା ସ୍ଥାନଗୁଡ଼ିକରେ ତାରଜାଲି ଘେରାଯିବାର ବ୍ୟବସ୍ଥା ଥିଲେ ମଧ ବନବିଭାଗ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଉନାହାନ୍ତି। ଯହାଫଳରେ ଲୋକମାନେ ଅଧିକାଂଶ ସମୟରେ ମରଣମୁହଁରେ ପଡୁଛନ୍ତି ବୋଲି ନଦୀକୂଳରେ ବସବାସ କରୁଥିବା ଲୋକମାନେ କହିଛନ୍ତି।

ଗତ ୨ ତାରିଖରେ ବ୍ରାହ୍ମଣୀ ନଦୀରେ ଗାଧୋଉ ଥିବା ବେଳେ ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳର ଜନୈକ ବ୍ୟକ୍ତିଙ୍କୁ କୁମ୍ଭୀର ଟାଣି ନେଇଯାଇଥିଲା। ଏହାପରେ ଦିନ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତେବେ ଗତ ସୋମବାର ରାତିରେ ୧୦ ଫୁଟ ଲମ୍ବର ଦୁଇଟି କୁମ୍ଭୀର ମାନପୁର ପୋଲ ନିକଟରେ ଭାସୁଥିବାର ଦେଖାଯାଇଥିଲା। ଏଣୁ ବଡାମ୍ବିଳା, କୋଲିଡ଼ିହ, ଏକମାଣିଆ, ବାଳକାଟି, ଟୁଙ୍ଗା, ଡିମିରିପାଳ, ଅରଗଳ, ଭୂଇଁପୁର, କଳସପୁର, ସଂସିଧା, ପେତପଡ଼ା, ଏରଡ଼ଙ୍ଗ ଜୁଆଣିଆ, ଗୋବିନ୍ଦପୁର, ଦେସାହି ଓ କେତୁଆପାଳ ଆଦି ନଦୀକୂଳବର୍ତ୍ତୀ ପଞ୍ଚାୟତବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି।

## ଆଜି ଶ୍ରୀଜୀଉଙ୍କ ଗଜବଦନ ବେଶ

**କେନ୍ଦ୍ରାପଡ଼ା ଅଫିସ୍, ୧୬।୬**

ସୋମବାର ପବିତ୍ର ଦେବସ୍ନାନ ପୂର୍ଣ୍ଣିମା। ଏହି ଅବସରରେ ତୁଳସୀ କ୍ଷେତ୍ରାଧିପତି ଇଚ୍ଛାପୁରସ୍ଥ ଶ୍ରୀବଳଦେବ ଜୀଉ ରତ୍ନ ବେଦି ଛାଡ଼ି ସ୍ନାନମଣ୍ଡପକୁ ବିଜେ କରିବେ। ଏହି ଅବସରରେ ଶ୍ରୀଜୀଉ ଗଜବଦନ ବେଶରେ ଦର୍ଶନ ଦେବେ। ଅପରାହ୍ନ ୧ଟା ୩୦ ମିନିଟ୍‌ରେ ବଳଦେବଜୀଉଙ୍କ ଗଜବଦନ ବେଶ ନୀତି ସମ୍ପନ୍ନ ହେବ ବୋଲି ଦେବୋତ୍ତର ସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ସକାଳ ୬ରୁ ୭ଟା ମଧରେ ଶ୍ରୀଜୀଉ ସ୍ନାନମଣ୍ଡପକୁ ବିଜେ କରିବେ। ୭ଟା ୩୦ ମିନିଟରେ ଜୟମଙ୍ଗଳା ଆଳତି ହେବ। ପୂର୍ବାହ୍ନ ୧୦ଟାରେ ନୀତିସ୍ନାନ, ମଧାହ୍ନ ୧୨ଟାରେ ବଲ୍ଲଭ ମଣୋହି ହେବ। ଅପରାହ୍ନ ୧ଟାରେ ମଙ୍ଗଳାର୍ପଣ ପରେ ଗଜବଦନ ବେଶ ଆରମ୍ଭ ହେବ। ରାତ୍ର ୯ଟାରେ ଶ୍ରୀଜୀଉ ଅନବସର ଗୃହକୁ ବିଜ କରିବେ ବୋଲି ନିର୍ବାହୀ ଅଧିକାରୀ ପତ୍ରୀ ସୂଚନା ଦେଇଛନ୍ତି।


**ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା**



**ଲିପ୍‌ସା ପରିଡ଼ା**
ନୟାଗଡ଼, ଗୋଡ଼ିପଡ଼ା, ବାଦଭୂଇଁ
ଆଜି ତୋର ଚତୁର୍ଥ ଜନ୍ମବାର୍ଷିକ ଉପଲକ୍ଷେ ଜୟ ମା କାଳୀ ବୁଢୀ ବ୍ରାହ୍ମଣୀ ଦେବୀଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ ଏହାହିଁ ପ୍ରାର୍ଥନା।
**ଶୁଭେଚ୍ଛା ସହ: ଜେଜେବାପା, ଜେଜେ ମା, ଅଜା, ଆଈ, ବାପା,ମାମା, ଦାଦା, ମାମୁ, ମାଉସୀ, ବନ୍ଧୁ ଓ ପରିବାରବର୍ଗ।**
ଧ-୧୨୯୭୫

**ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା**



ଶ୍ରୀୟା
**କିର୍ତ୍ତିକା ପ୍ରଧାନ**
ବରଅରା, ଅରଗୁଳ, ଜଟଣୀ, ଖୋର୍ଦ୍ଧା
ଆଜି ତୋର ଚତୁର୍ଥ ଜନ୍ମଦିନରେ ମା ବରୁଣେଇଁ ଗ୍ରାମଦେବୀ ତୋତେ ଦୀର୍ଘାୟୁ ଓ ତୋର ଚଲାପଥ କୁସୁମିତ କରନ୍ତୁ।
**ଅଶେଷ ଶୁଭେଚ୍ଛା ଓ ଶୁଭକାମନା ସହିତ: ବାବା: ପ୍ରଶାନ୍ତ କୁମାର ପ୍ରଧାନ, ମାମା: ପ୍ରଣତି ମଲ୍ଲିକଙ୍କ ସହିତ ପରିବାର ଓ ବନ୍ଧୁବର୍ଗ।**
ଧ-୧୩୦୦୦


# ଇଶ୍ୱରପୁରରେ ରଜ ମଉଜ କାର୍ଯ୍ୟକ୍ରମ

**ରାଜନଗର,୧୬।୬(ଡି.ଏନ.ଏ.)**



ରଜ ମଉଜ କାର୍ଯ୍ୟକ୍ରମରେ ଭାଗନେଇଥିବା ପ୍ରତିଯୋଗୀମାନେ।

ରାଜନଗର ବ୍ଲକର ଇଶ୍ୱରପୁରଠାରେ ରଜମଉଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁଚିଖେଳ, ବାଗୁଡି, ବାଡିଖେଳ, ମେହେନ୍ଦି, ଝୋଟି, ନୃତ୍ୟ, ଅଭିନୟ, ପାନଭଙ୍ଗା ଓ ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଯୁବ ଚିତ୍ରଶିଳ୍ପୀ ଦେବେନ୍ଦ୍ର ରାଉଳଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଅଶୋକ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଭୁବନେଶ୍ୱରର ବାଣିଜ୍ୟକର ଅଧିକାରୀ ପଦ୍ମଲୋଚନ ରାଉତ, ଜି.ଉଦୟଗିରିର ବିଡିଓ ଶାନ୍ତନୁ ନାୟକ, ଡାଙ୍ଗମାଳ ହାଇସ୍କୁଲର ପ୍ରଧାନଶିକ୍ଷକ ମାନସ ମିଶ୍ର, ସାମାଜିକ କର୍ମୀ ସୁଶ୍ରୀକାନ୍ତ ପରିଡା, ଶୁଭ୍ରକାନ୍ତ ଭ୍ରମରରାୟ, ମଧୁସୂଦନ ଜେନା, ବିଶ୍ୱରଞ୍ଜନ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶାର ଗଣପର୍ବ ରଜ କ୍ରମଶଃ ଜନମାନସରୁ ଦୂରେଇ ଯାଉଥିବା ବେଳେ ଗ୍ରାମାଞ୍ଚଳରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ ସାଂସ୍କୃତିକ ପରମ୍ପରାକୁ ଉଦଜୀବିତ ରଖିବାରେ ସହାୟକ ହେବ ବୋଲି ଅତିଥିମାନେ ମତ ରଖିଥିଲେ। ଏହି ଅବସରରେ ହାସ୍ୟାଭିନେତା ଦିପ୍ତୀ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରଶ୍ମିରେଖା ଦାସ, ଅମ୍ରିତା ମହାନ୍ତି , ମନୋଜ ଦେବ, କପିଳ ଦାସ ଉତ୍ସବ ପରିଚାଳନା କରିଥିଲେ। ଶୋଭାରାଣୀ କବି, ନମିତା ବେହେରା, ଚନ୍ଦନ ଭ୍ରମରରାୟ, ମନସା ମଞ୍ଜରୀ ଭ୍ରମରରାୟ, ସୁଜାତା ବେହେରା, ଶରତ ବେହେରା, ପ୍ରକାଶ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲାସ୍ତରୀୟ ରଜ ମହୋତ୍ସବ

**କେନ୍ଦ୍ରାପଡା ଅଫିସ, ୧୬।୬**

କେନ୍ଦ୍ରାପଡା ଜିଲାର ସାଂସ୍କୃତିକ ଅନୁଷ୍ଠାନ ବାଗ୍‌ଦେବୀ କଳାମନ୍ଦିର ପକ୍ଷରୁ ବ୍ଲକ ଅଧୀନସ୍ଥ ଭରତପୁର ଫୋରପୋଲ ଛକଠାରେ ଜିଲାସ୍ତରୀୟ ରଜମହୋତ୍ସବ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏଥିରେ ରଜଦୋଳି, ପୁଚି ଖେଳ, ଝୋଟି, ସଙ୍ଗୀତ, ନୃତ୍ୟ, ହୁଳହୁଳି, କୁଇଜ, ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠାନର ସଂଯୋଜକ ସତ୍ୟପ୍ରିୟ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଆଇନଜୀବୀ ସଞ୍ଜୟ କୁମାର ଜେନା, ସାହିତ୍ୟିକ ଶୁଭ୍ରାଂଶୁ କୁମାର ଦାସ, ସହକାରୀ ଯନ୍ତ୍ରୀ ଶରତ ମଲ୍ଲିକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ଓଡ଼ିଆ ସଂସ୍କୃତିରେ ରଜର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କ ସମେତ କଳାକାର ସୋନାଲି ପରିଡ଼ା, ରୋହିତ ପାତ୍ର, ବିନାୟକ ସୁତାର, ଅରବିନ୍ଦ ମଲ୍ଲିକ, ହିମାଂଶୁ ଶେଖର କର, ହରିହର ମଲ୍ଲିକ, ସୁପ୍ରିୟା ଦାଶ ଓ ପରମେଶ୍ୱର ଗୋଛାୟତଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଓଡ଼ିଆ ସିନେ କଳାକାର ବିରେନ ଦାସ, ମାମା ସାମଲ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଅନୁଷ୍ଠାନର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବ୍ୟାଙ୍କରେ ନିଆଁ: ଜଳିଗଲା ଏସି, ପ୍ରିଣ୍ଟିଂ ମେଶିନ

**ଡେରାବିଶ, ୧୬।୬ (ସ୍ୱ.ପ୍ର.)**



ନିଆଁଲିଭା କାର୍ଯ୍ୟ ଚାଲିଛି।

ଡେରାବିଶ ବ୍ଲକ ଚାନ୍ଦୋଳସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କରେ ରବିବାର ଅପରାହ୍ନରେ ନିଆଁ ଲାଗି କେତେକ ବୈଦ୍ୟୁତିକ ସାମଗ୍ରୀ ପୋଡି ଯାଇଛି। ସୋମବାର ବ୍ୟାଙ୍କ ଖୋଲିବା ପରେ ପ୍ରକୃତ କ୍ଷୟକ୍ଷତିର ରିପୋର୍ଟ ଜଣାପଡ଼ିବ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ କହିଛନ୍ତି।

ପ୍ରକାଶ ଯେ, ଶନିବାର ଓ ରବିବାର ବ୍ୟାଙ୍କ ବନ୍ଦ ରହିଥିଲା। ରବିବାର ଅପରାହ୍ନରେ ବ୍ୟାଙ୍କର ଝରକା ପଟେ ଧୂଆଁ ବହାରୁ ଥିବା ସ୍ଥାନୀୟ ଲୋକେ ଦେଖି ନିକଟରେ ରହୁଥିବା ଜନୈକ ବ୍ୟାଙ୍କର ଫିଲ୍ଡ ଅଫିସର ସନ୍ତୋଷ ବେହେରାଙ୍କୁ ଡକାଇବା ସହିତ ବିଦ୍ୟୁତ୍ ସଂଯୋଗ କାଟିବା ପାଇଁ ଖବରଦେଇଥିଲେ। ଖବରପାଇ ଡେରାବିଶ, ନିଶ୍ଚିନ୍ତକୋଇଲି ଓ କେନ୍ଦ୍ରାପଡ଼ାର ୩ଟି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ବ୍ୟାଙ୍କ ମେନ୍ ଗେଟ୍ ଖୋଲି ଥିଲେ ବି ଧୂଆଁ ଯୋଗୁ କିଛି ଦେଖା ନ ଯିବାରୁ ଅଗ୍ନିଶମ ବାହିନୀ ଝରକା କାଚ ଭାଙ୍ଗି ଭିତରକୁ ପଶିଥିଲେ। ବ୍ୟାଙ୍କରେ ଲାଗିଥିବା ବହୁ ବୈଦ୍ୟୁତିକ ଉପକରଣ ଯଥା– ଏସି, ପ୍ରିଣ୍ଟିଂ ମେସିନ ସହ ବିଦ୍ୟୁତ୍ ବୋର୍ଡ ଓ ଅନ୍ୟାନ୍ୟ ଆସବାବପତ୍ର ଜଳିଯାଇଥିବା ଜଣାପଡ଼ିଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବା ବେଳେ ଶର୍ଟସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ସୋମବାର ବ୍ୟାଙ୍କ ଖୋଲିବା ପରେ ପ୍ରକୃତରେ କ'ଣ ସବୁ କ୍ଷୟକ୍ଷତି ହୋଇଛି ଜଣାପଡ଼ିବ ବୋଲି ଫିଲ୍ଡ ଅଫିସର ବେହେରା କହିଛନ୍ତି।

# ୮ ମାସ ପରେ ବି ବନ୍ୟା ବିପନ୍ନଙ୍କୁ ମିଳିନି ଘରଭଙ୍ଗା ସହାୟତା

**ରାଜକନିକା,୧୬ ।୬(ଡି.ଏନ୍.ଏ.)**

ବନ୍ୟାର ୮ ମାସ ପରେ ବି ରାଜକନିକା ବ୍ଲକର ଉପାନ୍ତ ପଧାନପଡା ପଞ୍ଚାୟତ ଅଧୀନ ୩ ଟି ଗ୍ରାମର କ୍ଷତିଗ୍ରସ୍ତ ଲୋକେ ଘରଭଙ୍ଗା ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି ।

ରାଜକନିକା ବ୍ଲକରେ ଗତବର୍ଷ ଅକ୍ଟୋବର ୯ ତାରିଖରେ ପ୍ରବଳ ବର୍ଷା ଯୋଗୁ ଖରସ୍ରୋତା ଓ ବୈତରଣୀରେ ବନ୍ୟା ଆସିଥିଲା । ଫଳରେ ପଧାନପଡା ପଞ୍ଚାୟତର ବାଲିସାହି ,ବଡହଲପଡା ଓ ସାନହଲପଡା ଗ୍ରାମର ବହୁ ଲୋକଙ୍କ ଘରେ ବନ୍ୟାଜଳ ପଶି ତାଣ୍ଡବଲୀଳା ସୃଷ୍ଟି କରିଥିଲା । ଅଧିକାଂଶ ପରିବାର ପାଲ ତଳେ ଦୀର୍ଘଦିନ ଧରି ଜୀବନ କଟାଇ ଥିଲେ । ଏପରିକି ରାସ୍ତା କଡରେ ପାଲ ଟାଣି ରୋଷେଇ କରିବାକୁ ବାଧ ହୋଇଥିଲେ । ସେହିପରି ବାଲିସାହି ଗ୍ରାମରେ ନଳକୂପଗୁଡିକ କିଛି ଦିନ ଧରି ବନ୍ୟା ଜଳରେ ବୁଡିକି ରହିଥିଲା । ଲୋକଙ୍କୁ ପାନୀୟ ଜଳ ପାଇଁ ହନ୍ତସନ୍ତ ହେବାକୁ ପଡିଥିଲା । ତତ୍କାଳୀନ ଜିଲାପାଳ ଦାଶରଥୀ ଶତପଥୀ , ଉପ ଜିଲାପାଳ ସଞ୍ଜୟ ମିଶ୍ର, ରାଜକନିକା ବିଡିଓ ତଥା କନିକା ତହସିଲଦାର ଏହି ବନ୍ୟା ଅଞ୍ଚଳ ଗସ୍ତ କରି ବିପନ୍ନ ଲୋକଙ୍କ ପାଇଁ ୩ ଦିନର ରିଲିଫ ଘୋଷଣା କରିଥିଲେ । ଏହାଛଡା ବିପନ୍ନ ଲୋକଙ୍କୁ ଘରଭଙ୍ଗା ସହାୟତା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ । ଇତିମଧ୍ୟରେ ଏହି ଉପାନ୍ତ ଗ୍ରାମର ନିକଟବର୍ତ୍ତୀ ବିଂଝାରପୁର ଓ ଦଶରଥପୁର ଅଞ୍ଚଳର ବନ୍ୟା ବିପନ୍ନମାନେ ରିଲିଫ ସହିତ ଘରଭଙ୍ଗା ସହାୟତା ପାଇଥିବା ବେଳେ ରାଜକନିକା ବ୍ଲକର କ୍ଷତିଗ୍ରସ୍ତ ଲୋକେ ଅଦ୍ୟାବଧି ଘରଭଙ୍ଗା ଟଙ୍କା ପାଇନାହାନ୍ତି । ତେବେ ମୁଣ୍ଡ ଗୁଞ୍ଜିବା ପାଇଁ କେହି କେହି ଧାର କରଜ କରି ଭାଙ୍ଗି ଯାଇଥିବା ଘରକୁ ସଜାଡି ନେଇଥିଲେ ହେଁ ଅର୍ଥାଭାବରୁ ବହୁ କଷ୍ଟରେ ଚଳୁଛନ୍ତି । ଏହି ଦୁର୍ଗମ ଅଞ୍ଚଳର ଲୋକେ ରାଜକନିକା ଠାରେ ଅନୁଷ୍ଠିତ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ବହୁବାର କ୍ଷତିପୂରଣ ପାଇବା ପାଇଁ ଦାବି କରି ଆସୁଛନ୍ତି , ହେଲେ ଆଜିପର୍ଯ୍ୟନ୍ତ ସେମାନଙ୍କ ଦାବି ପ୍ରତି ପ୍ରଶାସନ ଅଣଦେଖା କରି ଆସିଛି । ଏଥିନେଇ ଅସନ୍ତୋଷ ବଢି ଚାଲିଛି । କେନ୍ଦ୍ରାପଡାର ନୂତନ ଜିଲାପାଳ ପ୍ରେମଚାନ୍ଦ ଚୌଧୁରୀ ଯଥାଶୀଘ୍ର ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରକୁ ଘରଭଙ୍ଗା କ୍ଷତିପୂରଣ ଦେବା ପାଇଁ କେନ୍ଦ୍ରାପଡା ଜିଲା ପରିଷଦ ସଭ୍ୟ ତଥା ରାଜକନିକା ପଞ୍ଚାୟତ ସମିତିର ପ୍ରାକ୍ତନ ଅଧକ୍ଷ ଜୟଦେବ ଦାସ ଦାବି କରିଛନ୍ତି ।


ଶେଷ ରଜରେ କେନ୍ଦ୍ରାପଡା ସହର ଇଚ୍ଛାପୁରସ୍ଥିତ ଶ୍ରୀ ବଳଦେବଜୀଉଙ୍କ ଦର୍ଶନ ପାଇଁ ଆସିଥିବା ଶ୍ରଦ୍ଧାଳୁ।

# ବଳଦେବ ମହାରଥାଙ୍କୁ ଶ୍ରୀବଳଦେବ ଚିତ୍ରଶିଳ୍ପୀ ସମ୍ମାନ

**କେନ୍ଦ୍ରାପଡା ଅଫିସ, ୧୬।୬**


ଅତିଥିମାନେ ବଳଦେବଙ୍କୁ ପୁରସ୍କୃତ କରୁଛନ୍ତି।

ସହରର ମନକରପୁରସ୍ଥିତ ରେସୱା ଅତିଥିଗୃହ ପରିସରରେ ଅରୋ ଚିତ୍ରକଳା ବିଦ୍ୟାଳୟର ୨୩ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଶିଷ୍ଟ ଚିତ୍ରଶିଳ୍ପୀ ବଳଦେବ ମହାରଥାଙ୍କୁ ୨୦୧୯ର ଶ୍ରୀବଳଦେବ ଚିତ୍ରକଳା ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ସ୍ଥାପତ୍ୟ କଳାକାର କୈଳାସ ଚନ୍ଦ୍ର ସାହୁ, ଚିତ୍ରଶିଳ୍ପୀ ପ୍ରଦ୍ୟୁମ୍ନ କୁମାର ମହାନ୍ତିଙ୍କୁ ଶ୍ରୀନାଥ ଚାଟାର୍ଜୀ ଚିତ୍ରକଳା ସମ୍ମାନ, ଚିତ୍ରଶିଳ୍ପୀ ନଳିନୀକାନ୍ତ ପଣ୍ଡା, ଶୁଭମ୍ ମହାରଣା, ଅର୍ଣ୍ଣବ ପଣ୍ଡାଙ୍କୁ ଅରୋ ଚିତ୍ରକଳା ପ୍ରତିଭା ସମ୍ମାନ ଓ ରେସୱା ପରିଚାଳକ ସେକ୍ ଲିୟାକତ ହୋସେନଙ୍କୁ ସେବା ସମ୍ମାନ ପ୍ରଦାନ କରାଯାଇଛି। ପୂର୍ବତନ ପୌରାଧକ୍ଷ ଧୀରେନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କଥାକାର ରାମଚନ୍ଦ୍ର ବେହେରା, ଚିତ୍ରକର ମହାରଥା, ଶିକ୍ଷାବିତ୍ ଅଜୟ କୁମାର ସାମଲ ଓ ବଳଦେବ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କଳାକାରଙ୍କ ସୃଜନ ଶକ୍ତି ଓ ସମାଜରେ ଏହାର ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ସେମାନେ ପ୍ରକାଶ କରିଥିଲେ ଯେ, କଳା ଈଶ୍ୱର ପ୍ରଦତ୍ତ। ଏହାର ସଦୁପଯୋଗ ହେବା ଅବଶ୍ୟକ। ସମାଜକୁ ବାନ୍ଧି ରଖିବା ପାଇଁ କଳାର ଉପଯୋଗ ହେବା ଆବଶ୍ୟକ। ଏହିଅବସରରେ ଛାତ୍ରୀଛାତ୍ରଙ୍କଦ୍ୱାରା ଚିତ୍ରକଳା ପ୍ରଦର୍ଶନୀ ସହ କବିତା ପାଠର ଆୟୋଜନ କରାଯାଇଥିଲା। କବି ଦିଲ୍ଲୀପ ସ୍ୱାଇଁ, ମନୋରଞ୍ଜନ ସାହୁ, ନବଜ୍ୟୋତି ରାୟ, ପ୍ରଦୀପ ନାୟକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସମ୍ପାଦକ ସରୋଜ କୁମାର ମହାନ୍ତି, ଅଧକ୍ଷ ଅଜୟ ପଣ୍ଡା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।


## ମନେ ପଡ଼ନ୍ତି

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



**✓ ରସିକ ମୋହନ ପଟ୍ଟନାୟକ**
ଆନନ୍ଦପୁର, ଜଗତ୍‌ସିଂହପୁର
ଆବିର୍ଭାବ : ୨୨.୧୧.୧୯୩୯
ତିରୋଧାନ: ୧୭.୦୬.୨୦୧୬
ଚାହୁଁ ଚାହୁଁ ତିନି ବର୍ଷ ବିତିଗଲା। ଆପଣଙ୍କର ଅନୁପସ୍ଥିତି ଆମ ଜୀବନରେ ଭରି ଦେଇଛି ଶୂନ୍ୟତା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଏବେବି ଆମ ମନରେ ଉଜ୍ଜିବିତ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଝଙ୍କଡ଼ବାସିନୀ ମା ଶାରଳା ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦତଳେ ପ୍ରାର୍ଥନା।
*ଶୋକସନ୍ତପ୍ତ : ବନ୍ଧୁ ଓ ପରିବାରବର୍ଗ*
ଧ-୧୨୯୮୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଭିମୋ ବିଶ୍ୱାଳ**
ଆବିର୍ଭାବ: ୧୪।୦୮।୧୯୫୩
ତିରୋଧାନ: ୨୮।୦୬।୨୦୧୮
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ଆମକୁ ତୁମେ ଅସମୟରେ ଛାଡ଼ି ଚାଲିଗଲ। ତଥାପି ଲାଗୁଛି ତୁମେ ଆମ ପାଖରେ ଅଛ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେମାନେ ପ୍ରାର୍ଥନା କରୁଛୁ।
**ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତୁମକୁ ଝୁରୁଛନ୍ତି:**
ପତ୍ନୀ–ସୁଶୀଳା ବିଶ୍ୱାଳ, ପୁଅ, ବୋହୂ, ନାତି, ନାତୁଣୀ, ଝିଅ, ଜ୍ୱାଇଁ ଓ ପରିବାରବର୍ଗ।
ଧ-୭୫୭୨୧

**ଚତୁର୍ଥ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**✓ ଜିତେନ୍ କୁମାର୍ ସାହୁ**
(ଜିତୁ ସାର୍)
କୋଶଳା, ଅନୁଗୋଳ
ଆବିର୍ଭାବ : ତା ୦୨.୦୪.୧୯୫୩
ତିରୋଧାନ : ତା ୦୨.୦୫.୨୦୧୫
(ଦେବସ୍ନାନ ପୂର୍ଣ୍ଣିମା)
ଆଜି ତୁମର ଚତୁର୍ଥ ଶ୍ରାଦ୍ଧବାର୍ଷିକ ଦିବସରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗତରନାଥ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ସାନ୍‌ଭି ଫ୍ଲେକ୍ସ ପ୍ରିଣ୍ଟ୍, କୋଶଳା
ଧ-୧୩୦୦୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସ୍ଥିତିପ୍ରଜ୍ଞା ସାହୁ (ରୋଜି)**
**କଟକ**
ଆବିର୍ଭାବ: ୦୩।୧୨।୧୯୮୭
ତିରୋଧାନ: ୨୦।୦୬।୨୦୧୬
**ଦେବସ୍ନାନ ପୂର୍ଣ୍ଣିମା**
ଆଜିର ଦିନରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଓ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦଙ୍କ ପାଖରେ ଏତିକି ଅଳି ଓ ପ୍ରାର୍ଥନା ତୋର ଆତ୍ମାର ସଦ୍‌ଗତି ହେଉ ଓ ଚିର ଶାନ୍ତି ଲାଭକର। ତୋର ଶୁଭଦୃଷ୍ଟି ସଦାସର୍ବଦା ଓମ୍‌ଶ୍ରୀ ଉପରେ ରହିଥାଉ।
ଯେତିକି ଲୁହ ତୁ ଦେଇ ଚାଲିଗଲୁ
ଆମ ସମସ୍ତଙ୍କ ପାଇଁ
ସାରା ଜୀବନ ବି କାନ୍ଦିଲେ ରୋଜି ଲୋ
ହୁଏତ ସରିବ ନାହିଁ।
**ଶୋକସନ୍ତପ୍ତ: ତୋର ବାବା, ମାମା, ଲୋନି, ଓମ୍‌ଶ୍ରୀ, ବନ୍ଧୁ ଓ ପରିବାରବର୍ଗ।**
ଧ-୧୨୯୨୦

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଡଃ ନୃସିଂହ ଚରଣ ମହାନ୍ତି**
ଭୋଇନଗର, ଭୁବନେଶ୍ୱର
ତିରୋଧାନ: ୨୯।୦୫।୨୦୧୮
ଜ୍ୟେଷ୍ଠ ସ୍ନାନପୂର୍ଣ୍ଣିମା
ହେ ପୁଣ୍ୟାତ୍ମା ଆପଣଙ୍କ ବିୟୋଗରେ ଆମେ ଅତ୍ୟନ୍ତ ମ୍ରିୟମାଣ। ଆପଣଙ୍କ ଅନୁପସ୍ଥିତିର ଶୂନ୍ୟତା ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଗଭୀର ଶ୍ରଦ୍ଧାଞ୍ଜଳି ଓ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଲ ଗୌରଗୋବିନ୍ଦ ମହାରାଜଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବିନମ୍ର ପ୍ରାର୍ଥନା କରୁଅଛୁ।
**ଶୋକସନ୍ତପ୍ତ:**
**ପରିବାର, ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ**
ଧ-୧୨୯୮୩

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଜୁନ୍ ୧୭/୨୦୧୯ Bhubaneswar, Monday, June 17/2019

## ରାଜ୍ୟ ଘରୋଇ ବିଦ୍ୟାଳୟ ମହାସଂଘର ଅଭିଯୋଗ

# ଆଇନ କାର୍ଯ୍ୟକାରିତାରେ ପାତରଅନ୍ତର

କୁଜଙ୍ଗ,୧୬।୬(ସ୍ୱ.ପ୍ର.)

ରାଜ୍ୟର ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ଘରୋଇ ବିଦ୍ୟାଳୟକୁ ସରକାର ସିଓଆର (ସାର୍ଟିଫିକେଟ୍ ଅଫ୍ ରେଜିଷ୍ଟ୍ରେଶନ) ପ୍ରଦାନ କରି ନ ଥିବାରୁ ସେହି ବିଦ୍ୟାଳୟଗୁଡ଼ିକରେ ତାଲା ଝୁଲିବାର ଆଶଙ୍କା ପ୍ରକାଶ ପାଇଛି। ୨୦୧୮-୧୯ ଶିକ୍ଷାବର୍ଷ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରଥମେ ୫୨୬ ଓ ପରବର୍ତ୍ତୀ ସମୟରେ ବିଭିନ୍ନ ଜିଲାର ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଥିବା କେତେକ ବିଦ୍ୟାଳୟକୁ ସିଓଆର ଦିଆଯାଇଥିଲା। କିନ୍ତୁ ପ୍ରାୟ ୧୦ହଜାର ବିଦ୍ୟାଳୟ ଅଦ୍ୟାବଧି ସିଓଆର ପାଇନାହାନ୍ତି। ସେହି ବିଦ୍ୟାଳୟଗୁଡ଼ିକ ବନ୍ଦ କରିବା ପାଇଁ ବିଭାଗ କଠୋର ମନୋଭାବ ପୋଷଣ କରିଛି। ଏଥିସହ ଯେଉଁ ବିଦ୍ୟାଳୟଗୁଡ଼ିକ ସିଓଆର ପାଇଛନ୍ତି, ସେମାନେ ଓଟିଇଟି ପାସ କରିଥିବା ଶିକ୍ଷକ ରଖି ନ ଥିବାରୁ ସେମାନଙ୍କ ସିଓଆର ରଦ୍ଦ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ରାଜ୍ୟର ଘରୋଇ ବିଦ୍ୟାଳୟରେ ପଢୁଥିବା କୋଟି କୋଟି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାରକୁ ଚାଲିଯିବାର ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ରାଜ୍ୟରେ ନିଯୁକ୍ତି ସମସ୍ୟା ଉତ୍କଟ ରୂପ ନେଇଥିବାବେଳେ ଏହି ବିଦ୍ୟାଳୟଗୁଡ଼ିକ ବନ୍ଦ କରାଗଲେ ଲକ୍ଷାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଚାକିରି ହରାଇବେ। ଏହା ଅଧିକ ଜଟିଳ ପରିସ୍ଥିତି ସୃଷ୍ଟି କରିବ ବୋଲି ରାଜ୍ୟ ଘରୋଇ ବିଦ୍ୟାଳୟ ଶିକ୍ଷକ ଓ କର୍ତ୍ତୃପକ୍ଷ ମହାସଂଘ, ଓଡ଼ିଶା ପକ୍ଷରୁ ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଚେତାବନୀ ଦିଆଯାଇଛି।

ଘରୋଇ ବିଦ୍ୟାଳୟ ମହାସଂଘ ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ମହାପାତ୍ର ପାରାଦୀପ ଗସ୍ତ ଅବସରରେ କୁଜଙ୍ଗଠାରେ ଖବରଦାତାମାନଙ୍କୁ ଏ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ସଂଘ ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଦର୍ଶାଯାଇଛି ଯେ, ଗଣଶିକ୍ଷା ବିଭାଗ ୨୦୦୯ ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀ କରାଯିବା ଜରୁରୀ ବୋଲି କହି ଏହି ଆଇନକୁ କେବଳ ଘରୋଇ ବିଦ୍ୟାଳୟ କ୍ଷେତ୍ରରେ ଲାଗୁ କରୁଛି। ତେଣୁ ସରକାରୀ ସ୍କୁଲକୁ ମଧ୍ୟ ଏହି ଆଇନ ପରିସରଭୁକ୍ତ କରିବାକୁ ଦାବି ହୋଇଛି। କେନ୍ଦ୍ର ସରକାର ୨୦୦୯ରେ ଶିକ୍ଷା ଅଧିକାର ଆଇନ ପ୍ରଣୟନ କରି ସମସ୍ତ ରାଜ୍ୟ ସରକାର ତାହା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ଆଇନ ଉଭୟ ସରକାରୀ ଓ ଘରୋଇ ବିଦ୍ୟାଳୟ ପାଇଁ ଉଦ୍ଦିଷ୍ଟ। ଏଥିରେ ଓଟିଇଟି ଶିକ୍ଷକ ନିଯୁକ୍ତି ପ୍ରସଙ୍ଗ ଉଲ୍ଲେଖ ନାହିଁ। ରାଜ୍ୟ ସରକାର ୨୦୧୩ରୁ ଓଟିଇଟି ଶିକ୍ଷକ ନିଯୁକ୍ତି ପ୍ରସଙ୍ଗ ଉଠାଇଛନ୍ତି।

ବିଇଡି, ସିଟି ଓ ଡିଇଏଲଇଡି ପ୍ରଶିକ୍ଷଣପ୍ରାପ୍ତ ଶିକ୍ଷକ ଓଟିଇଟି ପାଶ୍ କରିବା ବାଧ୍ୟତାମୂଳକ ବୋଲି ରାଜ୍ୟ ସରକାର କହିଛନ୍ତି। ଓଟିଇଟି ଶିକ୍ଷକ ନ ଥିଲେ ବିଦ୍ୟାଳୟ ସିଓଆର ପାଇବାରୁ ବଞ୍ଚିତ ହେବ। ଏହି କ୍ରମରେ ଶିକ୍ଷା ବିଭାଗ ପତ୍ର ସଂଖ୍ୟା ୩/ଆଇଭି୦୬/୨୦୧୮/୨୧୫୪ ତା-୨୫/୦୧/୨୦୧୯ରେ ଓଟିଇଟି ଶିକ୍ଷକ ନ ଥିବା ଘରୋଇ ବିଦ୍ୟାଳୟକୁ ବନ୍ଦ ନୋଟିସ ଦେଇଛନ୍ତି। ସେହିପରି ଶିକ୍ଷା ବିଭାଗ ନିର୍ଦ୍ଦେଶକ ପତ୍ର ସଂଖ୍ୟା ୧୧୮୭୩, ତା-୧୬/୦୫/୨୦୧୯ ମଧ୍ୟ ଜାରି କରାଯାଇଛି। ଏହାକୁ ନେଇ ମହାସଂଘ ପକ୍ଷରୁ ପ୍ରଶ୍ନ କରାଯାଇଛି ଯେ, ରାଜ୍ୟରେ ଯେଉଁ ସରକାରୀ ଶିକ୍ଷକମାନେ ଓଟିଇଟି ପାସ୍ ନ କରି କେବଳ ବିଇଡି, ସିଟି କରି ସରକାରଙ୍କଠାରୁ ଦରମା ପାଉଛନ୍ତି, ସେହି ସ୍କୁଲ କ୍ଷେତ୍ରରେ ଏହି ନିୟମ ଲାଗୁହେବ ନାହିଁ କାହିଁକି। ବିଇଡି ଓ ସିଟି କରି ଦୀର୍ଘବର୍ଷ ଧରି ଘରୋଇ ବିଦ୍ୟାଳୟରେ ସରକାରଙ୍କ ବିନା କୌଣସି ଆର୍ଥିକ ସହାୟତାରେ କାର୍ଯ୍ୟ କରୁଥିବା ଶିକ୍ଷକ ଓଟିଇଟି ପାସ୍ କରିବା ବାଧ୍ୟତାମୂଳକ କାହିଁକି। ଏଥିଯୋଗୁ ନିଯୁକ୍ତି ହରାଇବାକୁ ଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସରକାର ଥଇଥାନ କରିବେ କି ବୋଲି ମହାସଂଘ ପ୍ରଶ୍ନ କରିଛି। ଅନ୍ୟପକ୍ଷରେ ରାଜ୍ୟର ୮୦ ପ୍ରତିଶତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଖେଳପଡ଼ିଆ ନାହିଁ। ର୍ୟାମ୍ପ କି ଲାଇବ୍ରେରୀ ନାହିଁ। ଶିକ୍ଷା ଅଧିକାର ନିୟମ ଆଧାରରେ ସରକାରୀ ସ୍କୁଲରେ ସବୁ ଠିକ୍ ଥିବା ମନେ ହେଉନି। ସୂଚନାଯୋଗ୍ୟ, ଜଗତ୍‌ସିଂହପୁର ଜିଲାର କୁଜଙ୍ଗରେ ମାତ୍ର ୨ କିମି ଅଞ୍ଚଳରେ ଥିବା ୮ ସରକାରୀ ଉପ୍ରା ବିଦ୍ୟାଳୟରେ ଆଦୌ ଖେଳପଡ଼ିଆ ନାହିଁ। ମାତ୍ର ସେହି ୮ ସ୍କୁଲକୁ ଲାଗି ରହିଥିବା ଘରୋଇ ସ୍କୁଲଗୁଡ଼ିକୁ ଖେଳପଡ଼ିଆ ନ ଥିବା ଦର୍ଶାଇ ସିଓଆର ପ୍ରଦାନ କରାଯାଉନି। ଏହି ସମସ୍ୟା ସମଗ୍ର ରାଜ୍ୟରେ ରହିଛି। ସରକାରୀ ବିଦ୍ୟାଳୟଗୁଡ଼ିକ ଶିକ୍ଷା ଅଧିକାର ଆଇନ ଉଲ୍ଲଂଘନ କରୁଥିବାବେଳେ ଘରୋଇ ବିଦ୍ୟାଳୟଗୁଡ଼ିକ ବନ୍ଦ କରିବା ପାଇଁ ଚକ୍ରାନ୍ତ ଚାଲିଛି। ତେବେ ଶିକ୍ଷା ଅଧିକାର ଆଇନକୁ ଘରୋଇ ବିଦ୍ୟାଳୟ ଉଲ୍ଲଂଘନ କରିବେ ନାହିଁ। ସମସ୍ତ ସର୍ତ୍ତ ପୂରଣ ପାଇଁ ସରକାର ଚୁକ୍ତିଭିତ୍ତିକ ସମୟ ପ୍ରଦାନ କରି ତୁରନ୍ତ ସିଓଆର ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଆସନ୍ତା ମଙ୍ଗଳବାର ଗଞ୍ଜାମ ଜିଲା ବ୍ରହ୍ମପୁରଠାରେ ରାଜ୍ୟ ଘରୋଇ ବିଦ୍ୟାଳୟ ଶିକ୍ଷକ ଓ କର୍ତ୍ତୃପକ୍ଷ ମହାସଂଘର ରାଜ୍ୟ କାର୍ଯ୍ୟ କାରିଣି ବୈଠକ ହେବ। ଏଥିରେ ପରବର୍ତ୍ତୀ ରଣନୀତି ନିର୍ଦ୍ଧାରଣ କରାଯିବ ବୋଲି ମହାସଂଘ କାର୍ଯ୍ୟକାରୀ ସଭାପତି ମହାପାତ୍ର କହିଛନ୍ତି।

**ଶିକ୍ଷା ଅଧିକାର ଆଇନ**
- ସରକାରୀ ବିଦ୍ୟାଳୟରେ ଲାଗୁ ହେଉନି
- ଘରୋଇ ବିଦ୍ୟାଳୟକୁ ଜାଣିଶୁଣି ଦିଆଯାଉନି ସିଓଆର
- ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ, ନିଯୁକ୍ତି ହରାଇବେ ଶିକ୍ଷକ

## ସଂକ୍ଷେପରେ

### ୨୫ ନାଗ ଛୁଆ ଉଦ୍ଧାର



କୁଜଙ୍ଗ,୧୬।୬(ସ୍ୱ.ପ୍ର): କୁଜଙ୍ଗ ବ୍ଲକ ମଙ୍ଗରାଜପୁର ଗ୍ରାମର ସାରଦା ସ୍ୱାଇଁଙ୍କ ବାସଗୃହରୁ ୨୫ଟି ନାଗ ସାପ ଛୁଆ ଉଦ୍ଧାର କରାଯାଇଛି। ତେବେ ମା' ସାପଟି ଧରାପଡିନାହିଁ। ସୂଚନା ଅନୁଯାୟୀ, ଶନିବାର ସାରଦାଙ୍କ ସ୍ତ୍ରୀଙ୍କୁ ଘର ଭିତରେ ଏକ ସାପ କାମୁଡି ଦେଇଥିଲା। ଏହା ପରେ ଘର ମଧ୍ୟରେ ସାପ ଖୋଜିବାବେଳେ କାନ୍ଥ ଭିତରେ ୨୫ ଟି ଛୋଟ ବଡ଼ ନାଗ ଦେଖିବାକୁ ମିଳିଥିଲା। ବନ ବିଭାଗକୁ ଖବର ଦିଆଯିବା ପରେ ଗଗନ ମଲିକ ଓ ପ୍ରଦୀପ ଦାସ ପ୍ରମୁଖ କର୍ମଚାରୀ ପହଞ୍ଚି ସାପଗୁଡ଼ିକୁ ଉଦ୍ଧାର କରି ଢିଙ୍କିଆ ତଣ୍ଡା ଜଙ୍ଗଲରେ ଛାଡିଦେଇଥିଲେ।

### ଚୂନ ଭର୍ତ୍ତି ଦୋକାନ ଜଳିଗଲା

କୁଜଙ୍ଗ,୧୬।୬(ସ୍ୱ.ପ୍ର.): ବାଲିତୁଠସ୍ଥିତ ଏକ ମାର୍କେଟ କମ୍ପ୍ଲେକ୍ସରେ ବଡ଼ବୁଦା ଗ୍ରାମର ଜଣେ ବ୍ୟବସାୟୀଙ୍କ ଦୋକାନ ଘର ଜଳିଯାଇଛି। ଖବରପାଇ କୁଜଙ୍ଗ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଚୂନ, ବ୍ଲିଚିଂ ପାଉଡର ଆଦି ପୋଡ଼ି ନଷ୍ଟ ହୋଇଯାଇଛି। କ୍ଷତିଗ୍ରସ୍ତ ବ୍ୟବସାୟୀ କରୁଣାକର ଦାସଙ୍କୁ ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାଶଙ୍କ ସହ ସ୍ଥାନୀୟ ଜନପ୍ରତିନିଧି ଭେଟି ସମବେଦନା ଜଣାଇଛନ୍ତି।

### ଗଡେଶ୍ୱର ଯୁବ ପରିଷଦ ପ୍ରତିଷ୍ଠା ଦିବସ

ତିର୍ତ୍ତୋଲ,୧୬।୬(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ଇଟ୍ରିସିଂ ପଞ୍ଚାୟତର ଖଦୋଲ ଗ୍ରାମରେ ଗଡେଶ୍ୱର ଯୁବ ପରିଷଦର ୫ମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ପରିଷଦର ସଭାପତି ସଂଗ୍ରାମ କେଶରୀ ସ୍ୱାଇଁ ଏଥିରେ ସଭାପତିତ୍ୱ କରି ଆଗାମୀ ଦିନରେ ରକ୍ତଦାନ ଶିବିର, ବୃକ୍ଷ ରୋପଣ ଏବଂ ସ୍ୱଚ୍ଛ ପରିବେଶ ଗଠନ ପାଇଁ ପରିଷଦ ତରଫରୁ ଉଦ୍ୟମ କରାଯିବ ବୋଲି କହିଥିଲେ। ସାମାଜିକ କର୍ମୀ ଅମରଜିତ ସାହୁ, ଅନିଲ ନାୟକ, ଯଜ୍ଞଦତ୍ତ ଦାସ, ଦେବେନ୍ଦ୍ର ପଣ୍ଡା, ସୁମନ୍ତ ସାହୁ, ସୂର୍ଯ୍ୟକାନ୍ତ ସାହୁ, ଆଶୀର୍ବାଦ ସାହୁ, ରଜତ ସେଠୀ, ଦେବାଶିଷ ସାହୁ, ଗଡେଶ୍ୱର ଦାସ, ଚନ୍ଦ୍ରକାନ୍ତ ସାହୁ, ନାଗେସ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ବିଭୁପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ।

### ଆବର୍ଜନା ସଫେଇ କଲା ଆଦର୍ଶ ପ୍ରୟାସ ସଙ୍ଗଠନ



ପାରାଦୀପ,୧୬।୬(ସ୍ୱ.ପ୍ର.): ପାରାଦୀପ ଗୋପବନ୍ଧୁ ଷ୍ଟାଡିୟମଠାରେ ୩ ଦିନ ରଜ ମହୋତ୍ସବ ପାଳିତ ହୋଇଛି। ଏହି ଉତ୍ସବରୁ ଉଦ୍‌ବୃତ୍ତ ଆବର୍ଜନା ସମ୍ପୃକ୍ତ ଷ୍ଟାଡିୟମ ପରିସରକୁ ପୂତିଗନ୍ଧମୟ ପରିବେଶ କରିଥିଲା। ଯାହାକୁ ରବିବାର ସ୍ୱେଚ୍ଛାସେବୀ ସଙ୍ଗଠନ ଆଦର୍ଶ ପ୍ରୟାସ ପକ୍ଷରୁ ସଫେଇ କରାଯାଇଛି। ସଙ୍ଗଠନର କର୍ମକର୍ତ୍ତା ଅମରେଶ ମଣ୍ଡଳ, ଦେବୀପ୍ରସାଦ ସାହୁ, ଦେବକଲ୍ୟାଣ ମହାପାତ୍ର, ବିଷ୍ଣୁ ମୁଦୁଲି, କବିନ୍ଦ୍ର ସେଠୀ, ଅମରେଶ ନରେଶ ସାମନ୍ତ, ଦେବ ମଣ୍ଡଳ, ଅମୀୟ ପ୍ରସାଦ ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟ କରିଥିଲେ।



ରଜ ମହୋତ୍ସବରେ ଉପସ୍ଥିତ ଅତିଥି।

## କ୍ରୀଡାବିତ୍‌ଙ୍କୁ ନେଇ ରଜ ମହୋତ୍ସବ

ଜଗତ୍‌ସିଂହପୁର ଅଫିସ,୧୬।୬

କ୍ରୀଡ଼ା ପ୍ରତି ଆକର୍ଷଣ ସୃଷ୍ଟି କରିବା ସହ ସଫଳ କୀଡାବିତ୍‌ଙ୍କୁ ଉତ୍ସାହିତ କରିବାକୁ ୧୯୯୩ରେ ଜଗତ୍‌ସିଂହପୁରରେ ଆରମ୍ଭ ହୋଇଥିଲା ଟ୍ରାକ୍ କ୍ଲବ। ଇତିମଧ୍ୟରେ ୨୫ ବର୍ଷ ବିତିଲାଣି। ଏହା ଭିତରେ କ୍ଲବର ପାଖାପାଖି ୫୦୦ରୁ ଅଧିକ ସଭ୍ୟ ସରକାରୀ, ବେସରକାରୀ ଚାକିରି ସାଙ୍ଗକୁ ଆତ୍ମ ନିର୍ଭରଶୀଳ ହୋଇ ସାରିଲେଣି। ତେଣୁ ସେମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ପବିତ୍ର ରଜ ପର୍ବରେ ୨୦୧୮ରୁ ବନ୍ଧୁ ମିଳନ କରାଯାଉଛି। ରବିବାର ଏହି ବନ୍ଧୁ ମିଳନ ଓ ରଜ ମହୋତ୍ସବର ଦ୍ୱିତୀୟ ବାର୍ଷିକ ପାଳିତ ହୋଇଛି। ସ୍ଥାନୀୟ ଏସ୍‌ଭିଏମ୍ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ଉତ୍ସବରେ ଶତାଧିକ କ୍ରୀଡାବିତ୍ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କ୍ଲବ ସମ୍ପାଦକ ଅଶୋକ ମହାପାତ୍ର ପୌରୋହିତ୍ୟ କରିଥିଲେ। ବିଜୟ କୁମାର ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ପ୍ରସନ୍ନ ମହାନ୍ତି, ଅମରେନ୍ଦ୍ର ଦାସ, ଅଜୟ ଦାସ, ଓଟିଭି ଖବରଦାତା ଶଶାଙ୍କ ଶେଖର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବୀରେନ ମହାନ୍ତି, ମାନସ ଖଣ୍ଡୁଆଳ, ସୁନିଲ ମହାନ୍ତି, ସନ୍ତୋଷ ପାଣି, ଅମରିଶ ପାତ୍ର, ରଞ୍ଜନ ସ୍ୱାଇଁ, ବାବୁନା, ରାକେଶ, ଜଗା, ଅମିତ, ଡବଲୁ, ସୁମନ୍ତ, କୁଲୁ, ରଞ୍ଜନ, ଶ୍ରଦ୍ଧା, ପ୍ରଭାତୀ, ଡୋନ, ଡେଜି, ପିଙ୍କି ପ୍ରମୁଖ ସହଯୋଗ କରିଥିଲେ।



ରଜ ମହୋତ୍ସବରେ ଜଣେ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଜ୍ଞାନଲକ୍ଷ୍ମୀ କଳା ପ୍ରତିଷ୍ଠାନର ରଜ ଉତ୍ସବ

ଜଗତ୍‌ସିଂହପୁରଅଫିସ,୧୬।୬

ଆଳିପିଙ୍ଗଳସ୍ଥିତ ଜ୍ଞାନଲକ୍ଷ୍ମୀ କଳା ପ୍ରତିଷ୍ଠାନ ତରଫରୁ ଆମ ଗାଁ ରଜ ପରବ-୨୦୧୯ ପାଳିତ ହୋଇଯାଇଛି। ଗୋପାଳଜୀଉ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଉତ୍ସବରେ ପୁଚି, ଲୁଡୁ, ତାସ, ମ୍ୟୁଜିକ୍ ଚେୟାର, ରଜ କନ୍ୟା, କୁଇଜ୍, ନୃତ୍ୟ, ଗୀତ, ରଜ ରାଜା ଓ ବାଗୁଡି ଆଦି ପ୍ରତିଯୋଗିତା କରାଯାଇଥିଲା। ଚିତ୍ରଶିଳ୍ପୀ ତଥା ଅଭିନେତା ଚିନ୍ତାମଣି ବିଶ୍ୱାଳ, ଏନ୍‌ଜେଡବ୍ଲ୍ୟୁ ଓପନ ୟୁନିଟ୍‌ର ପ୍ରତିଷ୍ଠାତା ଅନ୍ତିମ କୁମାର ଦାସ, ଅଭିନେତା ବୀରକିଶୋର ରଣା, ସମାଜ ବିକାଶ ମିଶନ, ଆଞ୍ଚଳିକସ୍ତରରେ ୧୦ମ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ରାକେଶ କୁମାର ସ୍ୱାଇଁ, ଯୁବ କଣ୍ଠଶିଳ୍ପୀ ରାଜ କିଶୋର ଗାଆଣ ଓ ସମାଜ ମଙ୍ଗଳକାରୀ ମା ସାବିତ୍ରୀ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଘାଟନ ଉତ୍ସବରେ ଶିକ୍ଷାବିତ ଶଶୀଭୂଷଣ ମହାନ୍ତି ମୁଖ୍ୟଅତିଥି ଓ ଗୌରାଙ୍ଗ ଚରଣ ହୋତା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଲେଖିକା ସର୍ମିଷ୍ଠା ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନୃସିଂହ ଚରଣ ପ୍ରଧାନ, ଆଡଭୋକେଟ୍ କୈଳାସ ଚନ୍ଦ୍ର ମୁଦୁଲି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଷ୍ଠାନ ନିର୍ଦ୍ଦେଶିକା ଭାଗ୍ୟଶ୍ରୀ କାନୁନ୍‌ଗୋ ସ୍ୱାଗତ ଭାଷଣ ଓ ଦିଲୀପ ପଲାଓର ଧନ୍ୟବାଦ ଦେଇଥିଲେ। ଉଦ୍‌ଯାପନ ଉତ୍ସବରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ମୁଖ୍ୟଅତିଥି, ଜିଲା ବିଜ୍ଞାନ ପରିଦର୍ଶକ ସୁଭାଷ ଚନ୍ଦ୍ର ରାଉତ, ଅଭିନେତା ଚିନ୍ତାମଣି ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଯୋଗେଶ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁରେଶ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ। ସୁରେଶ ପ୍ରଧାନଙ୍କ ନିର୍ଦ୍ଦେଶନାରେ ସାମାଜିକ ନାଟକ ମିଛୁଆ ରାଧୁଆ ଗପ ସରିଲା ପରିବେଷିତ ହୋଇଥିଲା।



କବି ସମ୍ମିଳନୀରେ ଅତିଥିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ରାଜ୍ୟସ୍ତରୀୟ କବି ସମ୍ମିଳନୀ

ନାଉଗାଁ,୧୬।୬(ସ୍ୱ.ପ୍ର.)

ପବିତ୍ର ରଜ ସଂକ୍ରାନ୍ତି ଉପଲକ୍ଷେ ନାଉଗାଁ ବ୍ଲକ ଅନ୍ତର୍ଗତ ଶ୍ରୀ ଶ୍ରୀଜଗନ୍ନାଥ ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ଚାନ୍ଦଖାଁପାଟଣା ଶିଶୁ ମଠ ପରିସରରେ ଶନିବାର ରାଜ୍ୟସ୍ତରୀୟ କବି ସମ୍ମିଳନୀ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟାପକ ହୃଦାନନ୍ଦ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ଗୋଠଦା ମଠାଧିଶ ମହନ୍ତ ମହାରାଜ ଚିନ୍ତାମଣୀ ପର୍ବତ ଗୋସ୍ୱାମୀ ମୁଖ୍ୟଅତିଥି, ପୁରୀ ନୟାହାଟ ମଠାଧିଶ ବାବା ଦାମୋଦର ଦାସ ମୁଖ୍ୟବକ୍ତା, ତିହୁଡ଼ା ଗୁରୁକୃପା କୁଟୀରର ବାବା ସତ୍ୟାନନ୍ଦ ଦାସ, ନ୍ୟାୟମୂର୍ତ୍ତି ଭିକାରୀ ଚରଣ ରାଉତ, ଶିକ୍ଷାବିତ ଅଶୋକ କୁମାର ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁଜାତା ସିହ୍ନା ଓ ବିଭୁତି ଭୂଷଣ ତ୍ରିପାଠୀଙ୍କ ସଂଯୋଜନାରେ ଚୈତନ୍ୟ ଚରଣ ନାୟକ, ପ୍ରସନ୍ନ ଲେଙ୍କା, ମୀନାରାଣୀ ମଲ୍ଲିକ, ଗଣେଶ ମହାନ୍ତି, ଅଜୟ ଚରଣ ଶତପଥୀ, ଉମାକାନ୍ତ ନାୟକ, ଶରତ ଚନ୍ଦ୍ର ମହାନ୍ତି, ବଂଶୀଧର ଆଚାର୍ଯ୍ୟ, ସରିତା ପାଟସାଣୀଙ୍କ ସମେତ ଶତାଧିକ କବୟିତ୍ରୀ କବି ସ୍ୱରଚିତ କବିତା ପାଠ କରିଥିଲେ। ସମ୍ପାଦକ ବାମଦେବ ସ୍ୱାଇଁ ଅତିଥି ପରିଚୟ ଓ ଗଙ୍ଗାଧର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ରତ୍ନବଟ ପୀଠ ଟ୍ରଷ୍ଟ ବୋର୍ଡ ବୈଠକ

ବାଲିଆ,୧୬।୬: ମାଳିକା ପ୍ରସିଦ୍ଧ ରତ୍ନବଟ ପୀଠ ଟ୍ରଷ୍ଟ ବୋର୍ଡର ଏକ ବୈଠକ ଅନୁଷ୍ଠିତ ହୋଇଛି। ପ୍ରେମାନନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଟ୍ରଷ୍ଟର ଆବାହକ ଦେବେନ୍ଦ୍ରନାଥ ସାହୁ ମାଘ ସପ୍ତମୀ ଉପଲକ୍ଷେ ବୁଡ଼ ପକାଯାଉଥିବା ଗାଧୁଆ ତୁଠ ସଫା କରିବାକୁ କହିଥିଲେ। ଏହି ତୁଠର ନବୀକରଣ ପାଇଁ ସରକାରଙ୍କ ତରଫରୁ ଅନୁଦାନ ଯୋଗାଇ ଦିଆଯାଇଥିବାରୁ ସ୍ୱାଗତ କରାଯାଇଥିଲା। ମାଘ ସପ୍ତମୀ ମହୋତ୍ସବରେ ରତ୍ନବଟ ସମ୍ପର୍କରେ ଏକ ପୁସ୍ତକ ପ୍ରକାଶ ହେବ ବୋଲି ବୈଠକରେ ପ୍ରସ୍ତାବ ଗୃହିତ ହୋଇଥିଲା। ବୈଠକରେ ଏକ ସମ୍ପାଦକୀୟ ମଣ୍ଡଳୀ ଗଠନ କରାଯାଇଥିଲା। ରମାକାନ୍ତ ନାୟକ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ମମତା ମିଶ୍ର, ପ୍ରତାପ ଚନ୍ଦ୍ର ବେହେରା, ପିତାମ୍ବର ମହାପାତ୍ର, ବିକ୍ରମ ନନ୍ଦ, ସୂର୍ଯ୍ୟସ୍ନାନ ତ୍ରିପାଠୀ, ଚକ୍ରବର୍ତ୍ତୀ ଓତା, ଅଜୟ ପଟ୍ଟନାୟକ, ଶ୍ରୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତାପ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

## ଫୁଟ୍‌ବଲ: ପାଢ଼ୀସାହି ଚାମ୍ପିୟନ

ବିରିଡ଼ି,୧୬।୬(ଡି.ଏନ.ଏ.)

ବିରିଡ଼ି ବ୍ଲକ ୨୨ ମୌଜା ପୁରଣ ରଘୁନାଥଜୀଉ ଫୁଟବଲ ଟିମ୍ ପକ୍ଷରୁ ପୁରଣ ଖେଳପଡିଆଠାରେ ରବିବାର ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଏଥିରେ ପୁରଣ ପାଢୀସାହି, ପୁରଣ, ବାରଡିଆ ଏ, ବାରଡିଆ ବି, ମଇଁନ୍ଦପୁର, ଗୋଲପୁର, ବାଗଲପୁର ଓ କମଳପୁର ଫୁଟବଲ ଟିମ୍ ଅଂଶଗ୍ରହଣ କରିଥିଲେ। ରଜ ଉତ୍ସବ ଅବସରରେ ୨୨ ମୌଜାର ଏହି ଫୁଟବଲ ଟୁର୍ନାମେଣ୍ଟ ପରସ୍ପର ଭିତରେ ଭାଇଚାରା ସୃଷ୍ଟି କରିବା ଉଦ୍ଦେଶ୍ୟରେ ହୋଇଥିବା ଆୟୋଜକମାନେ କହିଛନ୍ତି। ୬ଟି ଟିମ ମଧ୍ୟରୁ ଫାଇନାଲ ମ୍ୟାଚ୍ ମଇଁନ୍ଦପୁର ଓ ପୁରଣ ପାଢୀସାହି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରଣ ପାଢୀ ସାହି ଟିମ ୪-୧ ଗୋଲରେ ଚାମ୍ପିୟନ ହୋଇଥିଲା। ଏହାକୁ ପରିଚାଳନା କରିଥିଲେ ରେଫରୀ ଅଶୋକ କୁମାର ବେହେରା, ସୁନିଲ କୁମାର ପଟ୍ଟନାୟକ, ଟୁକୁନା ଭୋଇ ଓ ନିର୍ମଳ କୁମାର ଦାସ।



ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ଚାମ୍ପିୟନ ଦଳର ଖେଳାଳି।

## ଚିରସବୁଜ ସଙ୍ଗୀତ ମହୋତ୍ସବର ବାର୍ଷିକ ଉତ୍ସବ

ବାଲିକୁଦା,୧୬।୬(ସ୍ୱ.ପ୍ର.): ବାଲିକୁଦା ବ୍ଲକ ବରମୁଣ୍ଡଳି ପଞ୍ଚାୟତର ପତରପଡ଼ାସ୍ଥିତ ଦୋଳ ଗୋଠଠାରେ ଚିରସବୁଜ ସଙ୍ଗୀତ ମହୋତ୍ସବର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ନବଜ୍ୟୋତି କଳା ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି ଦୁଇ ଦିନିଆ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସଂସଦର ସଭାପତି ବୁବୁନ୍ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବାଲିକୁଦା ପଞ୍ଚାୟତ ସମିତି ଅଧ୍ୟକ୍ଷା ମଧୁସ୍ମିତା ସାହୁ ମୁଖ୍ୟଅତିଥି, ସରପଞ୍ଚ ନିରଞ୍ଜନ ପଣ୍ଡା ମୁଖ୍ୟବକ୍ତା, ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ପାରାଦୀପର ପୂର୍ବତନ କର୍ପୋରେଟର ଶଙ୍କର ପ୍ରସାଦ ରାଉତ, ଅଳକା ସୁରକ୍ଷା ଅଭିଯାନ ସଭାପତି ରତ୍ନାକର ନାୟକ, ପୂର୍ବତନ ଜିଲା ପରିଷଦ ସଦସ୍ୟ ବିଜୟ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉପଦେଷ୍ଟା ପ୍ରେମାନନ୍ଦ ପରିଡା ସଂସଦର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ପାଦିକା ଜୟଶ୍ରୀ ଆଚାର୍ଯ୍ୟ ବିବରଣୀ ପାଠ କରିଥିଲେ।

## ସ୍ନାନ ପୂର୍ଣ୍ଣିମା ପାଇଁ ଚଳଚଞ୍ଚଳ ଧାନକୁଦ ପୀଠ

ବାଲିଆ,୧୬।୬

ସୋମବାର ସ୍ନାନ ପୂର୍ଣ୍ଣିମା। ଏଥିପାଇଁ ବିରିଡ଼ି ବ୍ଲକର ପ୍ରସିଦ୍ଧ ଧାନକୁଦ ପୀଠ ଚଳଚଞ୍ଚଳ ହୋଇପଡିଛି। ଏଠାରେ ଥିବା ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ଯଥାବିଧି ପାଳନ କରିବାକୁ ଦଇତାପତି ସେବାୟତମାନେ ସମସ୍ତ ପ୍ରସ୍ତୁତି କରିଛନ୍ତି। ଜନଗହଳିକୁ ଆଖିଆଗରେ ରଖି ପରିଚାଳନା କମିଟି ତରଫରୁ ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଛି। ଆକସ୍ମିକ ଦୁର୍ଘଟଣା ନିୟନ୍ତ୍ରଣ କରିବା ପାଇଁ ଅଗ୍ନିଶମ ସେବା ଅଧିକାରୀଙ୍କୁ ଅବଗତ କରାଯିବା ସହ ସ୍ୱାସ୍ଥ୍ୟସେବା, ପରିମଳ ବ୍ୟବସ୍ଥା ପାଇଁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି। ଭୋର ୪ଟାରୁ ଦ୍ୱାର ଫିଟାଯାଇ ପର୍ଯ୍ୟାୟ କ୍ରମେ ଦଇତାମାନଙ୍କ ଦ୍ୱାରା ନୀତି ସମ୍ପନ୍ନ ହେବ। ଶ୍ରୀଜୀଉଙ୍କୁ ପହଣ୍ଡି କରାଯାଇ ସ୍ନାନ ମଣ୍ଡପରେ ଉପବେଶନ କରାଯିବ। ପରେ ଦଇତା ସେବକମାନଙ୍କ ଦ୍ୱାରା ସ୍ନାନ କାର୍ଯ୍ୟ କରାଯିବ। ସ୍ନାନ ପରେ ଶ୍ରୀଜୀଉଙ୍କୁ ହାତୀ ବେଶରେ ସୁସଜ୍ଜିତ କରାଯିବ। ଏହି ବେଶ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ହେବ।

## ଫଣୀ ପ୍ରଭାବ, ଦେଖିବାକୁ ମିଳିଲାନି ବାଉଁଶ ଦୋଳି

ଜଗତ୍‌ସିଂହପୁର ଅଫିସ,୧୬।୬

ଓଡ଼ିଶାର ଗଣପର୍ବ ରଜ ପାଇଁ ସାରା ଜଗତ୍‌ସିଂହପୁର ଜିଲା ଉତ୍ସବ ମୁଖର ହୋଇପଡିଥିଲା। ଅଧିକାଂଶ ଲୋକଙ୍କ ଘରେ ମାଛ ମାଂସ ଓ ପିଠାପଣାର ଆସର ଦେଖିବାକୁ ମିଳିଥିଲା। ରଜ ସମୟରେ ଚାଷ ନ ଥିବାରୁ ଗାଁରେ ବୟସ୍କମାନେ ତାସ ଖେଳର ମଜା ନେଇଥିଲେ। ଯୁବତୀମାନେ ସଜବାଜ ହୋଇ ନୂଆ ପୋଷାକ ପରିଧାନ କରି ସାଙ୍ଗସାଥୀଙ୍କ ମେଳରେ ମଉଜ କରିଥିଲେ। ଯୁବକମାନେ ମଧ୍ୟ ପଛରେ ପଡିନଥିଲେ। ବିଭିନ୍ନ ଖେଳକୁଦରେ ସେମାନଙ୍କ ସମୟ ବିତିଥିଲା। ତେବେ ଏତେ ମଉଜ ମଧ୍ୟରେ ବାତ୍ୟା ଫଣୀର ପ୍ରଭାବ କିନ୍ତୁ ରଜ ଉପରେ ପଡିଥିବା ଦେଖିବାକୁ ମିଳିଛି। ବାତ୍ୟାରେ ବହୁ ସଂଖ୍ୟାରେ ଗଛ ଉପୁଡି ପଡିଛି। ତେଣୁ ଚଳିତବର୍ଷ ରଜରେ ବାଉଁଶ ଦୋଳି ପ୍ରାୟତଃ ଦେଖିବାକୁ ମିଳିନାହିଁ। ଯୁବତୀଙ୍କଠାରୁ ଛୋଟ ପିଲାଙ୍କ ପର୍ଯ୍ୟନ୍ତ ସମସ୍ତେ ବିଭିନ୍ନ ସ୍ଥାନରେ ଦଉଡି ବାନ୍ଧି ଦୋଳି ଖେଳିଥିଲେ। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ବୃଦ୍ଧାଙ୍କ କହିବା କଥା ହେଲା, ଦିନ ଥିଲା ରଜରେ ଗାଁ ଦାଣ୍ଡ ଫାଟି ପଡୁଥିଲା। ବଡ଼ ବଡ଼ ଗଛରେ ବାଉଁଶ ଦୋଳି ଲାଗୁଥିଲା। ଦୋଳିରେ କିଏ କେତେ ଉପରକୁ ଉଠିପାରୁଛି ତାହାକୁ ନେଇ ପ୍ରତିଯୋଗିତା ହେଉଥିଲା। ଏହି ଦୋଳି ଖେଳ ସମୟରେ ଅନ୍ୟମାନେ ଖୁସି ମନାଇବା ସହ ପରସ୍ପରକୁ ଉତ୍ସାହିତ କରୁଥିଲେ। ବର୍ଷର ଏହି ସମୟରେ ଗାଁରେ ଖାସି କଟାଯାଉଥିଲା। ଘର ପିଛା, ଲୋକ ସଂଖ୍ୟାକୁ ଦେଖି ମାଂସ ଭାଗ କରାଯାଉଥିଲା। ରୋଷେଇକୁ ତୁଣ ଓ ମାଂସକୁ ସାଗୁଆତି କୁହାଯାଉଥିଲା। ସାଗୁଆତି ଝୋଳ ଉପରେ ସମସ୍ତଙ୍କ ଲୋଭ ରହୁଥିଲା। ପୋଡ ପିଠା ମଧ୍ୟ ଅନ୍ୟ ଏକ ଆକର୍ଷଣ ଥିଲା। ଯୁବତୀମାନେ ନୂଆ ପୋଷାକ ପିନ୍ଧି ମେଳା ମେଳା ହୋଇ ଯେଭଳି ଗାଁ ବୁଲୁଥିଲେ ସେଭଳି ଆଉ ଏବେ ଦେଖାଯାଉନି। ସହରରେ ରଜ ପାଳିତ ହେଉଛି। ପ୍ରାୟୋଜିତ କାର୍ଯ୍ୟକ୍ରମରେ ନାଚ, ଗୀତ, ପୀଠା ଓ ରଜ ପାନ ପ୍ରତିଯୋଗିତା ହେଉଛି। ଯେହେତୁ ଆଜିକାଲି ମାଛ, ମାଂସ ନିତିଦିନିଆ ଖାଦ୍ୟ ହୋଇଗଲାଣି ତେଣୁ ଆମିଷର ମଜା ଆଗଭଳି ରହୁନି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୭ ଜୁନ୍, ୨୦୧୯



ଅନ୍ୟର ଆନୁଗତ୍ୟରେ ରହିଥିବା ଦେଶ ବା ଜାତି କେବେ ବି ଆଗେଇ ପାରିବ ନାହିଁ।
- ନେତାଜୀ ସୁଭାଷ ବୋଷ



## ସଂକ୍ଷେପରେ

### ବଧୂ ହତ୍ୟା ଅଭିଯୋଗ: ସ୍ୱାମୀ କୋର୍ଟଚାଲାଣ

**ଯାଜପୁର ଟାଉନ,୧୬।୬(ଡି.ଏନ୍.ଏ.):** ଯାଜପୁର ସଦର ଥାନା ଅନ୍ତର୍ଗତ ମାଳଆନନ୍ଦପୁର ଗ୍ରାମର ରଶ୍ମିତା ଦଳାଇଙ୍କ ଶୁକ୍ରବାର ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ଶନିବାର ରଶ୍ମିତାଙ୍କ ବାପା ଯୌତୁକ ଦାବିରେ ତାଙ୍କ ଝିଅଙ୍କୁ ଶାଶୁଘର ଲୋକେ ପିଟି ମାରିଦେଇଥିବା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୧୦୪/୨୦୧୯) ରୁଜୁକରି ତଦନ୍ତ ଚଳାଇଥିବାବେଳେ ରବିବାର ଅଭିଯୁକ୍ତ ସ୍ୱାମୀ ସୂର୍ଯ୍ୟମଣି ଦଳାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ସୂର୍ଯ୍ୟମଣି ସୁକିନ୍ଦା ଥାନା ଅନ୍ତର୍ଗତ ଅତା ଗ୍ରାମର ବେଣୁଧର ଦଳାଇଙ୍କ ଝିଅ ରଶ୍ମିତାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହଘର ସମୟରେ ବରଘର ପକ୍ଷରୁ ଦାବି ମୁତାବକ ଯୌତୁକ ପ୍ରଦାନ କରାଯାଇଥିଲା। ମାତ୍ର ଅଧିକ ୫୦ ହଜାର ଟଙ୍କା ଯୌତୁକ ଦାବି କରି ଶାଶୁଘର ଲୋକେ ରଶ୍ମିତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଆସୁଥିଲେ। ଗତ ଶୁକ୍ରବାର ରଶ୍ମିତାଙ୍କୁ ମାଡମାରି ହତ୍ୟା କରିଥିବା ଯାଜପୁରସଦର ଥାନାରେ ଅଭିଯୋଗ ହୋଇଥିଲା।

### ଦୁଇ ବାଇକ୍ ମୁହାଁମୁହିଁ: ୨ ଗୁରୁତର

**ବିଞ୍ଝାରପୁର,୧୬।୬(ଡି.ଏନ୍.ଏ.):** ବିଞ୍ଝାରପୁର ଥାନା ଅନ୍ତର୍ଗତ ଯାଜପୁର-ସିଂହପୁର ମୁଖ୍ୟରାସ୍ତାର ମଈଁଦା ଛକ ନିକଟରେ ରବିବାର ରାତି ୮ଟାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ୨ ଜଣ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଖବରପାଇ ବିଞ୍ଝାରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଜବତ କରିଛି। ହେଲେ ଗୁରୁତରଙ୍କ ପରିଚୟ ମିଳିପାରିନାହିଁ।

### ମଦ ଜବତ, ବେପାରୀ କୋର୍ଟ ଚାଲାଣ

**କଳିଙ୍ଗନଗର,୧୬।୬(ଡି.ଏନ୍.ଏ.):** ଟମକା ଥାନା ପୋଲିସ ରବିବାର ନଛିପୁରା ଗ୍ରାମରେ ଚଢାଉ କରି ଜଣେ ମଦ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ଗ୍ରାମର ସୁରେସ ବାରିକ(୨୬)। ସୁରେସ ରଜ ପାଇଁ ଘରେ ମଦ ବିକ୍ରି କରୁଥିବା ଥାନା ଅଧିକାରିଣୀ ସଂଘମିତ୍ରା ନାୟକ ଖବର ପାଇ ଚଢାଉ କରିଥିଲେ। ଚଢାଉବେଳେ ୫୬ ବୋଟଲ ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ ୪୬/୧୯) ରୁଜୁ କରିଥିଲା।

### ରଜ ମହୋତ୍ସବ ଉଦ୍‌ଯାପିତ

**ବରୀ/ରତ୍ନଗିରି,୧୬।୬(ସ୍ୱ.ପ୍ର./ଡି.ଏନ୍.ଏ.):** ଆଧୁନିକ ଚାକଚକ୍ୟରେ ଐତିହ୍ୟ, ସଂସ୍କୃତି, ପରମ୍ପରା, ସାହିତ୍ୟକଳା, ଲୋକଗୀତ ଓ ଭାଇଚାରା ହଜିଯାଉଛି। ଏସବୁ ଫେରିଲେ ବରୀ ହସିବା ସହ ରାଜ୍ୟ ହସିଉଠିବ ବୋଲି ଗଣପର୍ବ ରଜର ଶେଷ ଦିନରେ ବରୀ ବିଧାୟିକା ସୁନନ୍ଦା ଦାସ ସ୍ୱାଇଁଖଣ୍ଡ ପଞ୍ଚାୟତ ଖରି ପଡ଼ିଆରେ ଆୟୋଜିତ ରଜ ମହୋତ୍ସବରେ ଯୋଗଦେଇ କହିଛନ୍ତି। ବରୀ ଅଞ୍ଚଳରେ ୩ ଦିନ ଧରି ଧୁମ୍‌ଧାମ୍‌ରେ ରଜ ପାଳନ ହେବା ସହ ବିଧାୟିକା ଦାସ ବିଭିନ୍ନ ଅନୁଷ୍ଠାନରେ ଯୋଗଦେଇ ଭାଇଚାରାକୁ ଉଜ୍ଜୀବିତ ରଖିବା ପାଇଁ ଆହ୍ୱାନ ଦେଇଛନ୍ତି। ଉଦ୍‌ଯାପନୀ ଦିବସରେ ରୁଦ୍ରପୁର ପଞ୍ଚାୟତର ରଜ ଦୋଳିରେ କୁମାରୀଙ୍କ ସହ ରଜ ପାଳନ କରି ରଜକୁ ବିଦାୟ ଦେଇଥିଲେ। ବରୀ ବ୍ଲକ କେନ୍ଦୁଆଠାରେ ବରୀ ବିଧାୟିକା ସୁନନ୍ଦାଙ୍କୁ ସମ୍ବର୍ଦ୍ଧିତ କରି ରଜ ପାଳନ କରାଯାଇଥିଲା। ଏଥିସହ ବରୀ ପ୍ରଗତି କ୍ଲବ, ଅଲ୍ଲିପୁର ମଠ, ବାଲିଆପା, ରମ୍ଭା, ବାଲିଆ, ସାହାସପୁର, ଭଅଁରା, କାଇପଡା ପ୍ରଭୃତି ଅଞ୍ଚଳରେ ଦୋଳି ଲାଗାଯାଇ ଏହି ଉତ୍ସବ ପାଳନ କରାଯାଇଥିଲା। ରଜ ୩ ଦିନ ପରେ ବସୁମତୀ ସ୍ନାନରେ ଭିନ୍ନ ଏକ ପରମ୍ପରା ଦେଖିବାକୁ ମିଳିଥାଏ। ବସୁମତୀ ମା'କୁ ପୀଢ଼ା, ଶୀଳପୁଆ, ଦୂବ ଘାସ, ବରକୋଳି ପତ୍ର ଆଦି ଦେଇ ଘରେ ସଞ୍ଚିତ ଥିବା ଶସ୍ୟ ନେଇ ପୂଜାର୍ଚ୍ଚନା କରାଯାଇଥାଏ। ହୁଳହୁଳି ଦେଇ ପୃଥିବୀ ମା'କୁ ଆବାହନ କରି ଚାଷ ଭଲ ହେବା ପାଇଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ବିଧାୟିକା ପ୍ରାର୍ଥନା କରିଥିବା ଦେଖିବାକୁ ମିଳିଛି। ଏଥିରେ ବିଧାୟିକାଙ୍କ ସମେତ ଚିତ୍ତରଞ୍ଜନ ଜେନା, ରତିରଞ୍ଜନ ଜେନା, ପ୍ରଶାନ୍ତ ସାହୁ, ଦେବେନ୍ଦ୍ର ଦାସ, ଅଶୋକ ସାମଲ ପ୍ରମୁଖ ଶତାଧିକ ଯୁବତୀ ଓ ମହିଳା ସାମିଲ ହେଥିଲେ।

■ ୬୪ତମ ସର୍ବଭାରତୀୟ କବାଡି ପ୍ରତିଯୋଗିତା ଉଦ୍‌ଯାପିତ

# ମହିଳା ବିଭାଗରେ କଟକ, ପୁରୁଷରେ ଦିଲ୍ଲୀ ଚାମ୍ପିୟନ

**ରସୁଲପୁର,୧୬।୬(ଡିଏନଏ)**

ଯାଜପୁର ଜିଲା ରସୁଲପୁର ବ୍ଲକ ଖଣ୍ଡିତର କବାଡି ଷ୍ଟାଡିୟମରେ ୪ଦିନ ଧରି ଚାଲିଥିବା ୬୪ତମ ସର୍ବଭାରତୀୟ ଏ ଗ୍ରେଡ୍ ପୁରୁଷ ଓ ରାଜ୍ୟସ୍ତରୀୟ ମହିଳା କବାଡି ପ୍ରତିଯୋଗିତା ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ମହିଳା ବିଭାଗ ଫାଇନାଲ ମ୍ୟାଚ୍‌ରେ କଟକ କବାଡି ଦଳ ୨୧-୧୬ ପଏଣ୍ଟରେ ଓଡ଼ିଶା ପୋଲିସ କବାଡ଼ି ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ସେହିପରି ପୁରୁଷ ବିଭାଗର ଫାଇନାଲ ମ୍ୟାଚ ଆଦର୍ଶ କ୍ଲବ- ଦିଲ୍ଲୀ ଓ ଆୟକର ବିଭାଗ-ଗୁଜୁରାଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ମ୍ୟାଚ୍‌ରେ ଦିଲ୍ଲୀ ୫୦-୪୩ ପଏଣ୍ଟରେ ଗୁଜୁରାଟ ଦଳକୁ ପରାସ୍ତ କରି ଟ୍ରଫି-୨୦୧୯ ହାତେଇବାରେ ସକ୍ଷମ ହୋଇଛି। ରବିବାର ଟୁର୍ନାମେଣ୍ଟରେ ୧୦ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏ ସବୁ ମ୍ୟାଚ ମଧ୍ୟରୁ ମହିଳା ବିଭାଗର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଓଡ଼ିଶା ପୋଲିସ ଓ ଆସ୍କା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ପୋଲିସ ଏକତରଫା ଭାବେ ୩୦ ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଥିଲା। ୨ୟ





ଅତିଥି ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରୁଛନ୍ତି।

ସେମିଫାଇନାଲ ମ୍ୟାଚ୍ କଟକ ମହିଳା ଦଳ ଆୟୋଜକ ଯାଜପୁର(ଖ) ସହ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ୍‌ରେ କଟକ ୨୩-୦୯ ପଏଣ୍ଟ ବ୍ୟବଧାନରେ ଦ୍ୱିତୀୟ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଥିଲା। ପୁରୁଷ ବିଭାଗର ପ୍ରଥମ ସେମିଫାଇନାଲ ମ୍ୟାଚ୍ ସିଆଇଏସଏଫ୍ ଓ ଆୟକର ବିଭାଗ-ଗୁଜୁରାଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ଗୁଜୁରାଟ ୩୯-୨୨ ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ପୁରୁଷ ଦଳ ଆଦର୍ଶ କ୍ଲବ-ଦିଲ୍ଲୀ ଓ ଅର୍ଡିନାନ୍ସ ଫାକ୍ଟ୍ରି-ମହାରାଷ୍ଟ୍ର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ଟି ଖୁବ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ଏଥିରେ ଦିଲ୍ଲୀ ୩୯-୩୭ ପଏଣ୍ଟ ବ୍ୟବଧାନରେ ମହାରାଷ୍ଟ୍ରକୁ ପରାସ୍ତ କରିଥିଲା । ପରେ ଫାଇନାଲ ମ୍ୟାଚ୍‌ରେ କଡ଼ା ମୁକାବିଲା ହୋଇଥିଲା। ମହିଳା ବିଭାଗରେ କଟକ ଓ ପୁରୁଷ ବିଭାଗରେ ଦିଲ୍ଲୀ ପ୍ରତିପକ୍ଷକୁ ମାତ୍ ଦେଇ ଚଳିତ ବର୍ଷର ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। ଏହାପରେ ଅନୁଷ୍ଠିତ ଟ୍ରଫି ପ୍ରଦାନ ଉତ୍ସବ ଯାଜପୁର କବାଡି ଆସୋସିଏଶନ୍ ଉପସଭାପତି ନିଗମାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟବକ୍ତା ଭାବେ ସରକାରୀ ଦଳର ଉପ ମୁଖ୍ୟ ସଚେତକ ପ୍ରଣବ କୁମାର ବଳବନ୍ତରାଏ, ସମ୍ମାନିତ ଅତିଥି ଭାବେ ଓଡ଼ିଶା କବାଡ଼ି ଆସୋସିଏଶନ୍ ସମ୍ପାଦକ ଅଜୟ ବେହେରା, ସହସମ୍ପାଦକ ସୂର୍ଯ୍ୟକାନ୍ତ ମହାନ୍ତି, ଲିଙ୍କନ ଫାର୍ମାର ଜୋନାଲ ମ୍ୟାନେଜର ଅଭୟ କୁମାର ମହାନ୍ତି, ସରପଞ୍ଚ ଗୋଲକ ବିହାରୀ ପଣ୍ଡା, ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର ପୃଷ୍ଟି, ସହସମ୍ପାଦକ ସମରେନ୍ଦ୍ର ଦାଶ ପ୍ରମୁଖ ଯୋଗ ଦେଇଥିଲେ । ଆସୋସିଏଶନ ପକ୍ଷରୁ ସନ୍ତୋଷ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ମିଡିଆ ମ୍ୟାନେଜର ଫାଲ୍‌ଗୁନି ବିଭୂକଲ୍ୟାଣ ଦାସ ଖେଳ ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ। ଅତିଥିମାନେ ଉଭୟ ପୁରୁଷ ବିଜୟୀ ଦଳକୁ ନଗଦ ୧ଲକ୍ଷ ଟଙ୍କା, ରନର୍ସ ଅପ ଦଳକୁ ୫୦ହଜାର ଟଙ୍କା, ମହିଳା ଚାମ୍ପିୟନକୁ ୧୦ହଜାର ଓ ରନର୍ସ ଅପ ଦଳକୁ ୫ହଜାର ନଗଦ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଉପସଭାପତି କୃଷ୍ଣକାନ୍ତ ପଣ୍ଡା, ସହସଂପାଦକ ଅନାଦି ସାହୁ ଓ ସୁରେଶ ସାହୁ, ସୁରେନ୍ଦ୍ର ତିଆଡି, ସାନ୍ତନୁ ମଲିକ, ସୁରେନ୍ଦ୍ର ନାୟକ, ଭଗବାନ ସାହୁ, ଆଦିତ୍ୟ ପଣ୍ଡା, ସତ୍ୟେନ୍ଦ୍ର ଦାଶ, ଦିନବନ୍ଧୁ ମହାପାତ୍ର ପ୍ରମୁଖଙ୍କ ପରିଚାଳନାରେ ସହଯୋଗ କରିଥିଲେ।

## ବରୁଣେଶ୍ୱର ପରିସରରେ ବିଶ୍ୱଶାନ୍ତି ଯଜ୍ଞ

**ବିଞ୍ଝାରପୁର,୧୬।୬(ଡି.ଏନ.ଏ.)**

ପରମ୍ପରା ସହିତ ବରୁଣେଶ୍ୱର କ୍ଷେତ୍ରରେ ଗତ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଯଜ୍ଞ ରବିବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ଦିଆଯାଇ ସମାପନ କରାଯାଇଛି। ପ୍ରତିବର୍ଷ ପରି ଏଥର ରଜ ଅବସରରେ ପ୍ରସିଦ୍ଧ ଶୈବପୀଠ ବରୁଣେଶ୍ୱର ପରିସରରେ ଏକ ନିଆରା ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୃଥିବୀ ମା' ରଜସ୍ୱଳା ହେଉଥିବାରୁ ରଜ ୩ ଦିନରେ ମାଟି ହାଣିବା, ଚୁଲି ଲଗାଇବା ଓ ମାଟି ଉପରେ କୌଣସି କାର୍ଯ୍ୟ କରିବା ନିଷେଧ ଥାଏ। ହେଲେ ବରୁଣେଶ୍ୱରରେ ପ୍ରତିବର୍ଷ ରଜ ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥାଏ। ଶହ ଶହ ବର୍ଷଧରି ଏହି ଯଜ୍ଞକାର୍ଯ୍ୟ ଅନୁଷ୍ଠିତ ହେଉଛି ବୋଲି ବରିଷ୍ଠ ନାଗରିକ ଗୋବିନ୍ଦ ପରିଡା ସୂଚନା ଦେଇଥିଲେ। ଏହି ଯଜ୍ଞ ପୌରାଣିକ ଓ ଆଧ୍ୟାତ୍ମିକ ତଥ୍ୟ ଅନୁଯାୟୀ ଅନୁଷ୍ଠିତ ହେଉଛି ବୋଲି ଅଧ୍ୟାପକ ରବୀନ୍ଦ୍ର କୁମାର ନାୟକ ସୂଚନା ଦେଇଥିଲେ। ସମସ୍ତ ଯଜ୍ଞରେ ଯଜ୍ଞପୁରୁଷ ବିଷ୍ଣୁ ମନ୍ତ୍ରରେ ଯଜ୍ଞକର୍ମ ହେଉଥିବାବେଳେ ଏଠାରେ ରାମତାରକ ମନ୍ତ୍ରରେ ଯଜ୍ଞକର୍ମ ଅନୁଷ୍ଠିତ ହେଉଛି। ୧୩ରେ ଅଙ୍କୁରାରୋପଣ ପରେ ଗୋପୂଜା, ସୂର୍ଯ୍ୟପୂଜା ସରିବା ପରେ ପ୍ରଥମ ରଜ ଦିନ ଯଜ୍ଞରେ ଅଗ୍ନି ସଂଯୋଗ କରାଯାଇଥିଲା। ଏହିଯଜ୍ଞ ଶେଷ ରଜ ଦିନ ପୂର୍ଣ୍ଣାହୁତି ଦିଆଯାଇ ସମାପନ କରାଗଲା ବୋଲି ଯଜ୍ଞକର୍ତ୍ତା ରଘୁନାଥ ମଠର ମଠାଧୀଶ ପ୍ରହ୍ଲାଦ ଦାସ ମହାରାଜ ସୂଚନା ଦେଇଥିଲେ। ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ଅହୋରାତ୍ର ରାମଚରିତ ମାନସ ପାରାୟଣ ଅନୁଷ୍ଠିତ ହେଉଛି। ସତ୍ୟାନନ୍ଦ ଦାସ ମହାରାଜ ଦୈନିକ ରାମଚରିତ ମାନସ ପାଠ କରୁଛନ୍ତି। ରଜରେ ମଉଜ ଅପେକ୍ଷା ବହୁ ଶ୍ରଦ୍ଧାଳୁ ଯଜ୍ଞ ଓ ରାମଚରିତ ମାନସ ପାରାୟଣରେ ସାମିଲ ହେବାକୁ ବରୁଣେଶ୍ୱର କ୍ଷେତ୍ରକୁ ମୁହାଁଇଥିବା ଦେଖିବାକୁ ମିଳୁଛି। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱମ୍ଭର ସାମଲ, ପ୍ରହ୍ଲାଦ ଦାସ, କାଶିନାଥ ଜେନା, ଦିବାକର ରାଉତ, ରବୀନ୍ଦ୍ର ନାୟକ ଓ ସରପଞ୍ଚ ଦେବାନନ୍ଦ ମଲ୍ଲିକ ପ୍ରମୁଖ ଯଜ୍ଞ ପରିଚାଳନା କରୁଥିଲେ।

## ଜଳିଗଲା ଦିଆସିଲି ବୋଝେଇ ଟ୍ରକ୍

**କୋରେଇ,୧୬।୬(ସ୍ୱ.ପ୍ର.)**

୧୬ ନଂ. ଜାତୀୟ ରାଜପଥର ଟିକର ଛକ ନିକଟରେ ରବିବାର ଏକ ଦିଆସିଲି ବୋଝେଇ ଟ୍ରକ୍ ଜଳିଯାଇଛି। ଏହି ଟ୍ରକ୍ କଟକରୁ ପାଣିକୋଇଲି ଆଡ଼କୁ ଯାଉଥିଲା। ଜାତୀୟ ରାଜପଥ ସମ୍ପ୍ରସାରଣ କାମ ଚାଲୁଥିବାରୁ ୱାନ ୱେ ଟ୍ରଫିକ୍‌ରେ ଗାଡ଼ି ଯାତାୟାତ କରୁଥିଲା। ଦିଆସିଲି ବୋଝେଇ ଟ୍ରକ୍ ଯାଉଥିବା ସମୟରେ ଅନ୍ୟ ଏକ ଗାଡ଼ି ସହ



ମୁହାଁମୁହିଁ ଧକ୍କା ହୋଇଥିଲା। ଖବରପାଇ କୁଆଖିଆ ଓ ଯାଜପୁରରୋଡ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ ଜାରି ରଖିଛି।

## ବନ୍ଧୁକ ଦେଖାଇ ହତ୍ୟା ଧମକ ଅଭିଯୋଗ

**ଯାଜପୁର ଟାଉନ,୧୬।୬(ଡିଏନଏ)**

ଯାଜପୁର ଥାନା ଓ ସଦର ଥାନା ଅଧୀନ ସାନତ୍ରିଲୋଚନପୁର ଏବଂ ଅବଦଲପୁର ଗ୍ରାମର କିଛି ପିଲାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଯାଜପୁର ଥାନାରେ ଅବଦଲପୁରର କୃତିବାସ ପଣ୍ଡା ଗ୍ରାମବାସୀଙ୍କ ସହିତ ଆସି ଜିତେନ୍ଦ୍ର ପରିଡ଼ା ନାମକ ଯୁବକ ତାଙ୍କ ଭାଇଙ୍କୁ ହତ୍ୟା କରିବାକୁ ଉଦ୍ୟମ କରିବା ସହ ତାଙ୍କୁ ମଧ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଶନିବାର ଥାନାରେ ଅଭିଯୋଗ କରିଥିଲେ। କୃତିବାସ ଏତଲାରେ ଦର୍ଶାଇଛନ୍ତି ଯେ, ସାନତ୍ରିଲୋଚନେପୁର ଗ୍ରାମର ଜିତେନ୍ଦ୍ର ପରିଡା, ହେମନ୍ତ ପରିଡା, ମନୋଜ ରାୟ ପ୍ରମୁଖ ତାଙ୍କ ଗାଡିକୁ ଅଟକାଇ ତାଙ୍କ ମୁଣ୍ଡରେ ଏକ ବନ୍ଧୁକ ଲଗାଇ ହତ୍ୟା ଧମକ ଦେଇଥିଲେ। ଏହାପରେ ସମସ୍ତେ ତାଙ୍କୁ ଗାଳିଗୁଲଜ କରିବା ସହିତ ସୁନା ଚେନ୍ ଛିଣ୍ଡାଇ ନେଇଥିଲେ ବୋଲି ସେ ଏତଲାରେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତ ଜିତେନ୍ଦ୍ର କହିଛନ୍ତି ଯେ, ଶନିବାର ଅବଦଲପୁର ଗ୍ରାମ ଓ ସାନତ୍ରିଲୋଚନପୁର ଗ୍ରାମର କିଛି ପିଲାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାପରେ ଅବଦଲପୁରର ପିଲା ସାନତ୍ରିଲୋଚନପୁର ଯାଇ ଗଣ୍ଡଗୋଳ କରିଥିବାବେଳେ ସାନତ୍ରିଲୋଚନପୁର ପିଲାମାନେ ମଧ୍ୟ ଅନୁରୂପ ଭାବେ ଗଣ୍ଡଗୋଳ କରିଥିଲେ। ଏ ଘଟଣା ନେଇ ଜିତେନ୍ଦ୍ର ଓ ଅବଦଲପୁରର କୃତିବାସଙ୍କ ଭାଇ ଦେବାଶିଷ ପଣ୍ଡା ଓରଫ ଟୁଲୁଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇ କଥା ଝଗଡା ଯାଏ ପହଞ୍ଚିଥିଲା। ଟୁଲୁଙ୍କ ଉପରେ ଜିତେନ୍ଦ୍ର ଗାଡି ଚଢାଇ ଦେବାକୁ ଉଦ୍ୟମ କରିଥିଲେ ବୋଲି ସେ ଆଉ ଏକ ଅଭିଯୋଗ ଜିତେନ୍ଦ୍ର ଏବଂ ଅନ୍ୟମାନଙ୍କ ବିରୋଧରେ ଯାଜପୁର ଥାନାରେ ଦେଇଥିବା କହିଛନ୍ତି। ଜିତେନ୍ଦ୍ର ଟୁଲୁଙ୍କୁ ମଧ ବନ୍ଧୁକ ଦେଖାଇ ହତ୍ୟା ଧମକ ଦେଇଥିବା ସେ ଅଭିଯୋଗ କରିଛନ୍ତି। ଥାନାଧିକାରୀ ଘଟଣାର ତଦନ୍ତ କରୁଛନ୍ତି।

କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ରଜ ମହୋତ୍ସବ ଉଦ୍‌ଯାପିତ

## ବିଭିନ୍ନ ପ୍ରତିଯୋଗିତାରେ ଭାଗନେଲେ ଶତାଧିକ ମହିଳା



କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

**ଧର୍ମଶାଳା,୧୬।୬(ଡି.ଏନ୍.ଏ.)**

କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ଦୁଇଦିନ ଧରି ଆୟୋଜିତ ରଜ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଜାରକାସ୍ଥିତ ଷ୍ଟାଡିୟମ ପରିସରରେ ଦୁଇ ଦିନ ଫାଉଣ୍ଡେଶନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ପଞ୍ଚାୟତରୁ ଶତାଧିକ ଯୁବତୀ ଓ ମହିଳାମାନେ ଗୀତ, ନାଚ, ପୁଚି, ମ୍ୟୁଜିକ୍ ଚେୟାର ଓ ର୍‍ୟାମ୍ପ ସୋର ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେହିପରି ଶ୍ରୀମତିମାନେ ଶଙ୍ଖ, ହୁଳହୁଳି, ପାନ ଭଙ୍ଗା, ପିଠା, ମ୍ୟୁଜିକ୍ ଚେୟାର ଓ ଗୀତ ଆଦି ପ୍ରତିଯୋଗିତରେ ଭାଗ ନେଇଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ ସଙ୍ଗୀତ ବରିଷ୍ଠ ବିଭାଗରେ ମମତା ଜେନା ପ୍ରଥମ, ସୌଭାଗ୍ୟଲକ୍ଷ୍ମୀ ମହାନ୍ତି ଦ୍ୱିତୀୟ ଓ ବିନୋଦିନୀ ଦାସ ତୃତୀୟ, ସଙ୍ଗୀତ କନିଷ୍ଠ ବିଭାଗରେ ଶୁଭଶ୍ରୀ ସାମଲ ପ୍ରଥମ, ଦମୟନ୍ତୀ ପ୍ରଧାନ ଦ୍ୱିତୀୟ ଓ ଶ୍ରେଷ୍ଠାଙ୍ଗନା ପ୍ରଧାନ ତୃତୀୟସ୍ଥାନ ଅଧିକାର କରିଛନ୍ତି। ନୃତ୍ୟରେ ବର୍ଷା ବୈଶାଖୀ ପ୍ରଥମ, ବନୀତା ନାୟକ ଦ୍ୱିତୀୟ ଓ ନିବେଦିତା ସ୍ୱାଇଁ ଓ ସଞ୍ଜୁକ୍ତା ସ୍ୱାଇଁ ତୃତୀୟ, ର୍‍ୟାମ୍ପ ଶୋରେ ପୂଜା ସେଠୀ ପ୍ରଥମ, ସଙ୍ଗୀତା ନାୟକ ଦ୍ୱିତୀୟ ଓ ସସ୍ମିତା ସାହୁ ତୃତୀୟ, ପୁଚିରେ ମଞ୍ଜୁଲତା ବେହେରା ପ୍ରଥମ, ସଙ୍ଗମିତ୍ର ଜେନା ଦ୍ୱିତୀୟ, ଲକ୍ଷ୍ମୀପ୍ରିୟା ମହାନ୍ତି ତୃତୀୟ, ହୁଳହୁଳିରେ ସ୍ୱର୍ଣ୍ଣପ୍ରଭା ପୁହାଣ ପ୍ରଥମ, ମାନସୀ ପଣ୍ଡା ଦ୍ୱିତୀୟ ଓ ମିନତୀ ମଲିକ ତୃତୀୟ, ରଜ ପାନ ଭଙ୍ଗାରେ ରୀନା ରାଉଳ ପ୍ରଥମ, ପ୍ରତିମା ଦଳେଇ ଦ୍ୱିତୀୟ, ତରୁଲତା ଦାସ ତୃତୀୟ, ଶଙ୍ଖ ବାଦନରେ ସତ୍ୟଭାମା ସାହୁ ପ୍ରଥମ, ଦେବଯାନୀ ମହାନ୍ତି ଦ୍ୱିତୀୟ, ସବିତା ସାହୁ ତୃତୀୟ, ରଜ ପିଠାରେ ସଞ୍ଜୁଲତା ରାଉଳ, କୁନ୍ତି ସାହୁ ଦ୍ୱିତୀୟ ଓ ରେବତୀ ପ୍ରଧାନ ତୃତୀୟ, ମ୍ୟୁଜିକ୍ ଚେୟାର ବରିଷ୍ଠ ବିଭାଗରେ ସବିତା ନାୟକ ପ୍ରଥମ, ସୁରେଖା ନାୟକ ଦ୍ୱିତୀୟ ଓ ଅନୁସୟା ମହାନ୍ତି ତୃତୀୟସ୍ଥାନ ଅଧିକାର କରିଛନ୍ତି। ସେହିପରି ମ୍ୟୁଜିକ୍ ଚେୟାର କନିଷ୍ଠରେ ଜ୍ୟୋର୍ତିମୟୀ ନାୟକ ପ୍ରଥମ, ରାନୁ ମଲିକ ଦ୍ୱିତୀୟ ଓ ଲକ୍ଷ୍ମୀପ୍ରିୟା ଦାସ ତୃତୀୟ ସ୍ଥାନ ଅଧିକାର କରିଥିବା ମିଡିଆ ସେଲର ଅଧ୍ୟକ୍ଷ ସଂଗ୍ରାମ ଜେନା ସୂଚନା ଦେଇଛନ୍ତି। ଧର୍ମଶାଳା ବ୍ଲକ ବିଜେଡି ମହିଳା ସଭାନେତ୍ରୀ ରେଣୁବାଳା ଶତପଥୀଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବରେ ସରକାରୀ ଦଳର ଉପ ମୁଖ୍ୟ ସଚେତକ ପ୍ରଣବ ବଳବନ୍ତରାୟ, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଓ ବରୀ ବିଧାୟିକା ସୁନନ୍ଦା ଦାସ, ପୂର୍ବତନ ଏମ୍‌ପି ରୀତା ତରାଇ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଶ୍ୱବନ୍ଦନା ଜେନା ଅତିଥି ପରିଚୟ ପ୍ରଦାନ, ରଶ୍ମିରଞ୍ଜନ ରାୟ ଓ ଦେବରାଜ ମିଶ୍ର ସଭା ପରିଚାଳନା କରିଥିଲା । ଉପଦେଷ୍ଟା ପ୍ରିୟନାଥ ମହାପାତ୍ର, ଜଳଧର ମହାନ୍ତି, ବ୍ଲକ ସଭାପତି ନିରଞ୍ଜନ ବଳ, ଜଳଧର ସାହୁ, ନିର୍ମଳ ପ୍ରଧାନ, ମିନତୀ ପଣ୍ଡା, ସୁରେଖା ନାୟକ ଓ ପ୍ରତାପ ପ୍ରଧାନ ପ୍ରମୁଖ ପରିଚାଳାନା କରିଥିଲେ। ଜିଲାପରିଷଦ ସଭ୍ୟା ମମତା ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ।


**ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା**



**ଲିପ୍‌ସା ପରିଡ଼ା**
ନୟାଗଡ଼, ଗୋଡ଼ିପଡ଼ା, ବାଦଭୂଇଁ
ଆଜି ତୋର ଚତୁର୍ଥ ଜନ୍ମବାର୍ଷିକ ଉପଲକ୍ଷେ ଜୟ ମା କାଳୀ ବୁଢ଼ୀ ବ୍ରାହ୍ମଣୀ ଦେବୀଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ ଏହାହିଁ ପ୍ରାର୍ଥନା।
ଶୁଭେଚ୍ଛା ସହ: ଜେଜେବାପା, ଜେଜେ ମା, ଅଜା, ଆଈ, ବାପା,ମାମା, ଦାଦା, ମାମୁ, ମାଉସୀ, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୯୭୫

**ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା**



ଶ୍ରୀୟା
**କିର୍ତ୍ତିକା ପ୍ରଧାନ**
ବରଅରା, ଅରଗୁଳ, ଜଟଣୀ, ଖୋର୍ଦ୍ଧା
ଆଜି ତୋର ଚତୁର୍ଥ ଜନ୍ମଦିନରେ ମା ବରୁଣେଇଁ ଗ୍ରାମଦେବୀ ତୋତେ ଦୀର୍ଘାୟୁ ଓ ତୋର ଚଲାପଥ କୁସୁମିତ କରନ୍ତୁ।
ଅଶେଷ ଶୁଭେଚ୍ଛା ଓ ଶୁଭକାମନା ସହିତ:
ବାବା: ପ୍ରଶାନ୍ତ କୁମାର ପ୍ରଧାନ, ମାମା: ପ୍ରଣତି ମଲ୍ଲିକଙ୍କ ସହିତ ପରିବାର ଓ ବନ୍ଧୁବର୍ଗ।
ଧ-୧୩୦୦୦


## କମେଣ୍ଟମରାକୁ ନେଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ୨ ଗିରଫ

**ଯାଜପୁରଟାଉନ, ୧୬।୬(ଡି.ଏନ୍.ଏ.)**

ଯାଜପୁରସହର ନିକଟସ୍ଥ ଚିତାଳୋ ଛକରେ କମେଣ୍ଟ ମରା ଘଟଣାକୁ କେନ୍ଦ୍ରକରି ଶନିବାର ରାତିରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏ ନେଇ ରବିବାର ଉକ୍ତ ଯୁବକଙ୍କ ସାଙ୍ଗଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ୧୬୧/୧୯) ରୁଜୁକରିଥିଲା। ଥାନାଧିକାରୀ ଆଶିଷ ସାହୁ ତଦନ୍ତ କରି ବୁଲାରାମ ଜେନା ଓ ରାଜା ଜେନାଙ୍କୁ ଗିରଫ କରିଥିବାବେଳ ଅନ୍ୟ ଫେରାର ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି। ପ୍ରକାଶ ଯେ, ଶନିବାର ଅପରାହ୍ନରେ କଣ୍ଠାବଣିଆ ଦଳିତ ବସ୍ତିର ଟୁଟୁ ଜେନା(୨୦), ଯଦୁଆ ଜେନା(୪୦) ନିଧିଆ ଜେନା(୩୨), ବାବୁ ଜେନା(୨୦), ବୁଲାରାମ ଜେନା(୫୨) ଓ ବିନୟ ଜେନାଙ୍କ ସମେତ କେତେକ ବ୍ୟକ୍ତି ସ୍ଥାନୀୟ ବଜାରରେ ଗାଳିଗୁଲଜ କରୁଥିଲେ। ଏହି ସମୟରେ ଦୋଗଡା ଗ୍ରାମର ନିରଞ୍ଜନଙ୍କ ସହ ସୁଶାନ୍ତ ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ସେମାନଙ୍କୁ ଗାଳିଗୁଲଜ କରିପକାଇଥିଲେ। ପରେ ସେମାନେ ଦୋଗଡା ସ୍କୁଲ ପଛପଟେ ମାରଣାସ୍ତ୍ର ସହ ଲୁଚି ରହିଥିଲେ। ଏହି ସମୟରେ ନିରଞ୍ଜନ ଏକାକୀ ଘରକୁ ଫେରୁଥିବାବେଳେ ସେମାନେ ଧାରୁଆ ଅସ୍ତ୍ରରେ ତାଙ୍କ ମୁଣ୍ଡ ପଛପଟକୁ ହାଣିଦେଇଥିଲେ। ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବାରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ନିରଞ୍ଜନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିବାରୁ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ରବିବାର ନିରଞ୍ଜନଙ୍କ ବନ୍ଧୁ ସୁଶାନ୍ତ ଥାନାରେ ଅଭିଯୋଗ କରିଥିଲେ।


# ମନେ ପଡ଼ନ୍ତି

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



**✓ ରସିକ ମୋହନ ପଟ୍ଟନାୟକ**
ଆନନ୍ଦପୁର, ଜଗତ୍‌ସିଂହପୁର
ଆବିର୍ଭାବ : ୨୨.୧୧.୧୯୩୯
ତିରୋଧାନ: ୧୭.୦୬.୨୦୧୬
ଚାହୁଁ ଚାହୁଁ ତିନି ବର୍ଷ ବିତିଗଲା। ଆପଣଙ୍କର ଅନୁପସ୍ଥିତି ଆମ ଜୀବନରେ ଭରି ଦେଇଛି ଶୂନ୍ୟତା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଏବେବି ଆମ ମନରେ ଉଜ୍ଜିବିତ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଝଙ୍କଡ଼ବାସିନୀ ମା ଶାରଳା ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦତଳେ ପ୍ରାର୍ଥନା।
ଶୋକସନ୍ତପ୍ତ : ବନ୍ଧୁ ଓ ପରିବାରବର୍ଗ
ଧ-୧୨୯୮୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଭିମୋ ବିଶ୍ୱାଳ**
ଆବିର୍ଭାବ: ୧୪।୦୮।୧୯୫୩
ତିରୋଧାନ: ୨୮।୦୬।୨୦୧୮
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ଆମକୁ ତୁମେ ଅସମୟରେ ଛାଡ଼ି ଚାଲିଗଲ। ତଥାପି ଲାଗୁଛି ତୁମେ ଆମ ପାଖରେ ଅଛ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେମାନେ ପ୍ରାର୍ଥନା କରୁଛୁ।
ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତୁମକୁ ଝୁରୁଛନ୍ତି:
ପତ୍ନୀ-ସୁଶୀଳା ବିଶ୍ୱାଳ, ପୁଅ, ବୋହୂ, ନାତି, ନାତୁଣୀ, ଝିଅ, ଜ୍ୱାଇଁ ଓ ପରିବାରବର୍ଗ।
ଧ-୭୫୭୨୧

**ଚତୁର୍ଥ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**✓ ଜିତେନ୍ କୁମାର୍ ସାହୁ**
(ଜିତୁ ସାର୍)
କୋଶଳା, ଅନୁଗୋଳ
ଆବିର୍ଭାବ : ତା ୦୨.୦୪.୧୯୫୩
ତିରୋଧାନ : ତା ୦୨.୦୫.୨୦୧୫
(ଦେବସ୍ନାନ ପୂର୍ଣ୍ଣିମା)
ଆଜି ତୁମର ଚତୁର୍ଥ ଶ୍ରାଦ୍ଧବାର୍ଷିକ ଦିବସରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗତନାଥ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ସାନ୍‌ଭି ଫ୍ଲେକ୍ସ ପ୍ରିଣ୍ଟ, କୋଶଳା
ଧ-୧୩୦୦୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସ୍ମିତିପ୍ରଜ୍ଞା ସାହୁ (ରୋଜି)**
କଟକ
ଆବିର୍ଭାବ: ୦୩।୧୨।୧୯୮୭
ତିରୋଧାନ: ୨୦।୦୬।୨୦୧୬
ଦେବସ୍ନାନ ପୂର୍ଣ୍ଣିମା
ଆଜିର ଦିନରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଓ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦଙ୍କ ପାଖରେ ଏତିକି ଅଳି ଓ ପ୍ରାର୍ଥନା ତୋର ଆତ୍ମାର ସଦ୍‌ଗତି ହେଉ ଓ ଚିର ଶାନ୍ତି ଲାଭକର। ତୋର ଶୁଭଦୃଷ୍ଟି ସଦାସର୍ବଦା ଓମ୍‌ଶ୍ରୀ ଉପରେ ରହିଥାଉ।
ଯେତିକି ଲୁହ ତୁ ଦେଇ ଚାଲିଗଲୁ
ଆମ ସମସ୍ତଙ୍କ ପାଇଁ
ସାରା ଜୀବନ ବି କାନ୍ଦିଲେ ରୋଜି ଲୋ
ହୁଏତ ସରିବ ନାହିଁ।
ଶୋକସନ୍ତପ୍ତ: ତୋର ବାବା, ମାମା, ଲୋନି, ଓମ୍‌ଶ୍ରୀ, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୯୭୦

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଡଃ ନୃସିଂହ ଚରଣ ମହାନ୍ତି**
ଭୋଇନଗର, ଭୁବନେଶ୍ୱର
ତିରୋଧାନ: ୨୯।୦୫।୨୦୧୮
ଜ୍ୟେଷ୍ଠ ସ୍ନାନପୂର୍ଣ୍ଣିମା
ହେ ପୁଣ୍ୟାତ୍ମା ଆପଣଙ୍କ ବିୟୋଗରେ ଆମେ ଅତ୍ୟନ୍ତ ମ୍ରିୟମାଣ। ଆପଣଙ୍କ ଅନୁପସ୍ଥିତିର ଶୂନ୍ୟତା ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଗଭୀର ଶ୍ରଦ୍ଧାଞ୍ଜଳି ଓ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଲ ଗୌରଗୋବିନ୍ଦ ମହାରାଜଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ପରିବାର, ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୨୯୮୩



ଅନ୍ୟର ଧନ ଅପହରଣ, ମିତ୍ରକୁ ଅପମାନ ଦେବା ତଥା ଚରିତ୍ରହୀନତା ଏଇ ତିନିଗୁଣ ବିନାଶକୁ ଡାକିଆଣେ।
- ମହାତ୍ମା ଗାନ୍ଧୀ



■ ଚିନିକଳ ବିକ୍ରି ହେବା ନେଇ ଗୁଜବ ପରେ...

# କୃଷକ, ନେତା ସବୁ ଏକାଠି

**ନୟାଗଡ଼ ଅଫିସ,୧୬।୬**



ମନ୍ଦିର ପରିସରରେ ଚିନିକଳ ବଞ୍ଚାଅ ସମିତି କର୍ମକର୍ତ୍ତା।


ବନ୍ଦ ହୋଇପଡ଼ିଥିବା ଚିନିକଳ।

■ବସିଲା ଚିନିକଳ ବଞ୍ଚାଅ ସମିତି ବୈଠକ
■ଚିନିକଳ ଖୋଲିବା ନେଇ ହେବ ଆନ୍ଦୋଳନ
■୨୧ରେ ଗଣସମାବେଶ

ନୟାଗଡ଼ ଜିଲା ସଦର ବ୍ଲକ ପାଣିପୋଇଲାଠାରେ ଥିବା ଚିନିକଳ ବିକ୍ରି ନେଇ ଗୁଜବ ପ୍ରଚାର ହେବା ପରେ ଏବେ ଜିଲାସାରା ଗୋଟିଏ ଚର୍ଚ୍ଚା। କିପରି ଏହାର ସୁରକ୍ଷା ହେବ ବା ଚିନିକଳ ଖୋଲିବ। ଏଥିପାଇଁ କୃଷକଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା, ନେତା ସବୁ ଏକାଠି ହୋଇଛନ୍ତି। ସୂଚନାଯୋଗ୍ୟ ଜିଲାର ଥିବା ଏକମାତ୍ର ଏହି ଚିନିକଳ ୫ବର୍ଷ ହେଲା ବନ୍ଦ ହୋଇପଡ଼ିଥିବା ବେଳେ ଏହାକୁ ଗୁଜରାଟର ଏକ କମ୍ପାନୀ କିଣି ନେଇଥିବା ନେଇ ଆଲୋଚନା ହେଉଛି। ହେଲେ ଏ ନେଇ ପ୍ରଶାସନ ପାଖରେ କୌଣସି ଖବର ନ ଥିବା କୁହାଯାଇଛି।

ରବିବାର ବାଲୁଗାଁର ଚଣ୍ଡୀମନ୍ଦିରଠାରେ ଚିନିକଳ ବଞ୍ଚାଅ ସମିତି ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରମିକନେତା ବିଶ୍ୱନାଥ ମହାପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ କୃଷକ ପ୍ରତିନିଧି, ଜନପ୍ରତିନିଧି ଓ ଶ୍ରମିକ କର୍ମଚାରୀଙ୍କ ପ୍ରତିନିଧିମାନେ ଯୋଗଦେଇ ଚିନିକଳ ସୁରକ୍ଷା ସହିତ ଏହାକୁ ଖୋଲିବା ପାଇଁ ଜନଆନ୍ଦୋଳନ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ସୋମବାର ଏ ନେଇ ପ୍ରତିନିଧିମାନେ ଜିଲାପାଳଙ୍କୁ ଭେଟିବାକୁ ଆଲୋଚନା ହୋଇଥିଲା। ଚିନିକଳକୁ ଖୋଲିବା ଲାଗି ବ୍ୟାପକ ଗଣସଚେତନତା ଓ ଆନ୍ଦୋଳନ ନିମନ୍ତେ ଚଳିତମାସ ୨୧ ତାରିଖରେ ବାଲୁଗାଁଠାରେ ଏକ ଗଣସମାବେଶ ଅନୁଷ୍ଠିତ ହେବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ କଂଗ୍ରେସ ନେତା ମନୋଜ କୁମାର ସାହୁ, ଭାଜପା ନେତା ସନ୍ତୋଷ କୁମାର ପ୍ରଧାନ, କୃଷକନେତା ଯୋଗେନ୍ଦ୍ର ଖୁଣ୍ଟିଆ, ଜନାର୍ଦ୍ଦନ ଦଳବେହେରା, ଗୋଲକ ବିହାରୀ ମୁଦୁଲି, ଗୋପୀନାଥ ପ୍ରଧାନ, ରଣଜିତ ଦଳବେହେରା ପ୍ରମୁଖ ଯୋଗଦେଇଥିଲେ।

## ଗୁଜବର ସୂତ୍ରଧର

ଦୁଇଦିନ ତଳେ ଅର୍ଥାତ୍ ଗତ ଶୁକ୍ରବାର ଅପରାହ୍ନରେ ଗୁଜରାଟର ଶକ୍ତି ଏଣ୍ଟରପ୍ରାଇଜର୍ସ ସଂସ୍ଥାର ଦୁଇଜଣ ଅଧିକାରୀ କିମ୍ବା କର୍ମଚାରୀ ୩୦ରେ ଚିନିକଳକୁ ଆସିଥିଲେ। ସେମାନେ ଭିତରକୁ ପଶିବାରୁ ଉଦ୍ୟମ କରିବାରୁ ସେଠାରେ ଥିବା ସୁରକ୍ଷାକର୍ମୀ ସେମାନଙ୍କୁ ଅଟକାଇଥିଲା। ପରେ ସେମାନେ ଏହାକୁ ବ୍ୟାଙ୍କଠାରୁ ୧ କୋଟି ୮୦ଲକ୍ଷ ଟଙ୍କାରେ କିଣିଥିବା ପ୍ରକାଶ କରିଥିଲେ। ସେମାନଙ୍କୁ କାଗଜପତ୍ର ଦେଖାଇବାରୁ କୁହାଯାଇଥିଲେ ମଧ୍ୟ ଦେଖାଇପାରି ନ ଥିଲେ। ପରେ ପଛରେ ଆସିବେ କହି ଭିଜିଟିଂ କାର୍ଡ଼ ଦେଇ ପଳାଇ ଯାଇଥିଲେ। ଏହା ପରେ ଚିନିକଳ ବିକ୍ରି ହେବା ଗୁଜବ ପ୍ରଚାର ହୋଇଥିଲା। ଭିଜିଟିଂ କାର୍ଡ଼ରେ ଥିବା ଦୁଇଟି ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସୁଇଚ୍ ଅଫ୍ ଥିବାରୁ ସମ୍ଭବ ହୋଇପାରି ନ ଥିଲା।

## ଚିନିକଳ ଇତିହାସ

ଏପ୍ରିଲ ୧୯୮୪ରେ ନୟାଗଡ଼ ସହରଠାରୁ ୫ କିଲୋମିଟର ଦୂର ବାଲୁଗାଁ ପଞ୍ଚାୟତ ପାଣିପୋଇଲାଠାରେ ୧୪୩ ଏକର ପରିମିତ ଜାଗାରେ ଚିନିକଳର ଶିଳାନ୍ୟାସ କରାଯାଇଥିଲା। ପରେ ୧୯୮୫ରୁ ୧୯୮୮ ମଧ୍ୟରେ ୧୮କୋଟି ଟଙ୍କା ବ୍ୟୟରେ ଚିନିକଳ ପ୍ରତିଷ୍ଠା କରାଗଲା। ୧୯୮୮ରେ ଚିନିକଳରୁ ଉତ୍ପାଦନ ଆରମ୍ଭ ହେଲା। କିନ୍ତୁ ପରିଚାଳନାଗତ ତ୍ରୁଟି ଯୋଗୁ ସମବାୟ ଭିତ୍ତିରେ ପ୍ରତିଷ୍ଠିତ ଏହି ଚିନି କଳ ବାରମ୍ବାର କ୍ଷତିରେ ଚାଲିବା ସହ ଆଖୁ ଚାଷୀ ଓ କାରଖାନା କର୍ମଚାରୀମାନେ ତାଙ୍କ ପ୍ରାପ୍ୟ ପାଇପାରିଲେ ନାହିଁ । ମାତ୍ର ୨ବର୍ଷ ଚାଲିବା ପରେ ବନ୍ଦ ହେବା ଅବସ୍ଥାକୁ ଚାଲିଆସିବାରୁ ସରକାର ଏହାକୁ ତାମିଲନାଡୁର ଧରଣୀ ସୁଗାର୍ସ ନାମକ ଏକ କମ୍ପାନୀକୁ ଲିଜ୍ ସୂତ୍ରରେ ୧୨ ବର୍ଷ ପାଇଁ ହସ୍ତାନ୍ତର କରିଦେଲେ। ଧରଣୀ ସୁଗାର୍ସ କିଛିବର୍ଷ ଚିନିକଳ ଚଲାଇବା ପରେ ଆଖୁଚାଷୀ ଓ କର୍ମଚାରୀଙ୍କ କୋଟି କୋଟି ଟଙ୍କା ନ ଦେଇ ରାତିଅଧିଆ ଚମ୍ପଟ ମାରିଲା। ଫଳରେ ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ଏହା ବନ୍ଦ ରହିଲା। ୨୦୦୪ ଜୁନ୍ ମାସରେ ସରକାର ଚିନିକଳକୁ ମାତ୍ର ୫ କୋଟି ଟଙ୍କାରେ ଶିଳ୍ପପତି ତ୍ରୈଲୋକ୍ୟ ମିଶ୍ରଙ୍କୁ ହସ୍ତାନ୍ତର କଲେ। ହେଲେ ମିଶ୍ର ୨୦୧୨ରୁ ୨୦୧୪ ମଧ୍ୟରେ ଚିନି କଳ କର୍ମଚାରୀ ଓ ଆଖୁ ଚାଷୀଙ୍କ ପ୍ରାୟ ୪ କୋଟି ଟଙ୍କା ନ ଦେଇ ଗତ ୨୦୧୪ ମାର୍ଚ୍ଚ ୪ ତାରିଖ ରାତିରେ ଚିନି କଳରେ ତାଲା ଝୁଲାଇ ଚମ୍ପଟ ମାରିଲେ। ସେହି ଦିନଠାରୁ ନୟାଗଡ଼ର ଏକମାତ୍ର ଶିଳ୍ପ କାରଖାନା କୁହାଯାଉଥିବା ଚିନିକଳ ବନ୍ଦ ହୋଇ ପଡ଼ିରହିଛି।

## ବିଭିନ୍ନ ସମୟରେ ହେଉଛି ଚୋରି

ବନ୍ଦ ହେବାର ୫ବର୍ଷ ଭିତରେ ଚିନକଳ ଭିତରକୁ ଦୁର୍ବୃତ୍ତମାନେ ପଶି ବାରମ୍ବାର ଚୋରି କରିବାରେ ଲାଗିଛନ୍ତି। ୬ମାସ ତଳେ ଏଠାରୁ ପାଇପ୍ ଚୋରି କରୁଥିବା ଜଣେ ଦୁର୍ବୃତ୍ତଙ୍କୁ ସଦର ପୋଲିସ ଗିରଫ କରିଥିଲା। ପରେ ବିଭିନ୍ନ ସମୟରେ ଚୋରି ହେଉଥିଲେ ମଧ୍ୟ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ଜଣେ ବ୍ୟକ୍ତିଙ୍କ କହିବାନୁସାରେ ଚିନିକଳ ଖୋଲିବା ସମୟରେ ୫୪ ଜଣ ଗାର୍ଡ଼ ଥିଲେ। ମାତ୍ର ବନ୍ଦ ହୋଇଯିବା ପରେ ବର୍ତ୍ତମାନ ମାତ୍ର ୬ଜଣ ଅଛନ୍ତି। ଅଧିକ ଗାର୍ଡ଼ ନ ଥିବାରୁ ବିଭିନ୍ନ ସମୟରେ ଚୋରି ହେଉଥିବା କୁହାଯାଉଛି।

## ପ୍ରତିଶ୍ରୁତି କେବେ ପାଳନ ହେଉଛି ତାହାକୁ ଅପେକ୍ଷା

କୃଷିମନ୍ତ୍ରୀ ଡ. ଅରୁଣ ସାହୁଙ୍କ ଜିଲା ତଥା ତାଙ୍କ ନିର୍ବାଚନମଣ୍ଡଳୀରେ ବନ୍ଦ ହୋଇପଡ଼ିଥିବା ଚିନିକଳ ଖୋଲିବ କି ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠୁଛି। ନିର୍ବାଚନ ସମୟରେ ଭାଜପା ନିର୍ବାଚନ ଜିତିଲେ ୧୫ ଦିନ ଭିତରେ ଚିନିକଳ ଖୋଲିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ସେହଭିଳି ବିଜେଡି ବିଧାୟକ ପ୍ରାର୍ଥୀ ଅରୁଣ ସାହୁ ନିର୍ବାଚନ ଜିତିଲେ ସାତଦିନ ଭିତରେ ଚିନିକଳ ଖୋଲିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅରୁଣ ନିର୍ବାଚନ ଜିତି କୃଷିମନ୍ତ୍ରୀ ହେଲେଣି। ତେଣୁ ଦେଇଥିବା ପ୍ରତିଶ୍ରୁତି କେବେ ପାଳନ କରୁଛନ୍ତି ତାହାକୁ ଜିଲାବାସୀ ଅପେକ୍ଷା କରିଛନ୍ତି। ମନ୍ତ୍ରୀ ସାହୁ ତାଙ୍କ ପ୍ରତିକ୍ରିୟାରେ କହନ୍ତି, ଚିନିକଳ କେସ୍ ବର୍ତ୍ତମାନ କୋର୍ଟରେ ବିଚାରାଧୀନ ରହିଛି। ମାମଲା ଫଇସଲା ହେବା ପରେ ତୁରନ୍ତ ଚିନିକଳ ଖୋଲାଯିବ।

## କ'ଣ କହନ୍ତି ଜିଲାପାଳ

ଜିଲାପାଳ ଡା. ଏନ୍ ତିରୁମାଲା ନାୟକ କହନ୍ତି, ଚିନିକଳ ବିକ୍ରି ହେବା ନେଇ ପ୍ରଶାସନ ପାଖରେ କୌଣସି ଖବର ନାହିଁ। ଏ ନେଇ ମଧ୍ୟ ତାଙ୍କ ପାଖକୁ କୌଣସି ଚିଠି ଆସିନାହିଁ। ୟୁକୋ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିବାରୁ ତାଙ୍କ ପାଖକୁ ସେହିଭଳି କୌଣସି ବ୍ୟକ୍ତି ଆସି ନ ଥିବା ସେ ପ୍ରକାଶ କରିଥିଲେ। ସେହିଭିଳି ଏ ନେଇ କୌଣସି ଟେଣ୍ଡର ହୋଇ ନ ଥିବା ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କୁ ସୂଚନା ଦେଇଥିବା ଜିଲାପାଳ ପ୍ରକାଶ କରିଥିଲେ। ନିଲାମ ନେଇ ନୋଟିସ୍ ବାହାରିଥିଲା, କିନ୍ତୁ କେହି ନିଲାମଧାରୀ ମିଳି ନ ଥିଲେ। ବିଭିନ୍ନ ସମୟରେ ଚିନିକଳ ବିକ୍ରି ଗୁଜବରୁ ନିଜକୁ ଦୂରେଇ ରଖିବାକୁ ଜିଲାପାଳ କୃଷକ, ଚିନିକଳ କର୍ମଚାରୀ ଓ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

**ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା**



**ଲିପ୍‌ସା ପରିଡ଼ା**
**ନୟାଗଡ଼, ଗୋଡ଼ିପଡ଼ା, ବାଦଭୂଇଁ**
ଆଜି ତୋର ଚତୁର୍ଥ ଜନ୍ମବାର୍ଷିକ ଉପଲକ୍ଷେ ଜୟ ମା କାଳୀ ବୁଢ଼ୀ ବ୍ରାହ୍ମଣୀ ଦେବୀଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ ଏହାହିଁ ପ୍ରାର୍ଥନା।
**ଶୁଭେଚ୍ଛା ସହ: ଜେଜେବାପା, ଜେଜେ ମା, ଅଜା, ଆଈ, ବାପା,ମାମା, ଦାଦା, ମାମୁ, ମାଉସୀ, ବନ୍ଧୁ ଓ ପରିବାରବର୍ଗ।**
ଧ-୧୨୯୭୫

**ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା**



ଶ୍ରୀୟା
**କିର୍ତ୍ତିକା ପ୍ରଧାନ**
**ବରଅରା, ଅରଗୁଳ, ଜଟଣୀ, ଖୋର୍ଦ୍ଧା**
ଆଜି ତୋର ଚତୁର୍ଥ ଜନ୍ମଦିନରେ ମା ବରୁଣେଇ ଗ୍ରାମଦେବୀ ତୋତେ ଦୀର୍ଘାୟୁ ଓ ତୋର ଚଲାପଥ କୁସୁମିତ କରନ୍ତୁ।
**ଅଶେଷ ଶୁଭେଚ୍ଛା ଓ ଶୁଭକାମନା ସହିତ: ବାବା: ପ୍ରଶାନ୍ତ କୁମାର ପ୍ରଧାନ, ମାମା: ପ୍ରଣତି ମଲ୍ଲିକଙ୍କ ସହିତ ପରିବାର ଓ ବନ୍ଧୁବର୍ଗ।**
ଧ-୧୩୦୦୦

## ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ଦଶପଲ୍ଲା,୧୬।୬ (ଡି.ଏନ୍.ଏ.)**

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ରଥଗାଁ ମଶାଣି ନିକଟରୁ ରବିବାର ଜଣେ ବ୍ୟକ୍ତିଙ୍କ ମୃତଦେହକୁ ଦଶପଲ୍ଲା ପୋଲିସ ଉଦ୍ଧାର କରିଛି। ତାଙ୍କୁ ୫୫ବର୍ଷ ହୋଇଥିବାବେଳେ ତାଙ୍କର ପରିଚୟ ମିଳିନାହିଁ। ରାଜପଥ ପାର୍ଶ୍ୱ ବିଲ ମଧ୍ୟକୁ ମୃତଦେହ କିପରି ଆସିଲା ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସ ଦଶପଲ୍ଲା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇ ଏକ ଅପମୃତ୍ୟୁ ମାମଲା (ନଂ.୧୩/୧୯) ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନା ଆଇଆଇସି ବିଶ୍ୱଜିତ୍ ରାଉତରାୟ ପ୍ରକାଶ କରିଛନ୍ତି।

**ସଂକ୍ଷେପରେ**

## ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

**ଗଣିଆ,୧୬।୬(ଡି.ଏନ.ଏ.):** ବଜ୍ରପାତରେ ଗଣିଆ ବ୍ଲକ ଜଗନ୍ନାଥପ୍ରସାଦ ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସନ୍ତୋଷ କୁମାର ଜେନା (୪୪)। ମିଳିଥିବା ସୂଚନା ଅନୁସାରେ ସନ୍ତୋଷ ଶନିବାର ରାତି ୧୧ଘଟିକା ସମୟରେ ଶୌଚ ପାଇଁ ବାହାରକୁ ଯାଇଥିଲେ। ଏହି ସମୟରେ ହଠାତ୍ ବଜ୍ରପାତ ହେବାରୁ ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ତାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ଗଣିଆ ଥାନାରେ ୨/୧୯ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସେହିରାତିରେ କରଡ଼ାପଡ଼ା ଗ୍ରାମର ସ୍ୱର୍ଣ୍ଣପ୍ରଭା ସାମନ୍ତରାୟ (୪୦) ବଜ୍ରପାତରେ ଅଚେତ ହୋଇପଡିବାରୁ ତାଙ୍କୁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ସୁସ୍ଥ ହେବା ପରେ ସେ ଘରକୁ ଫେରିଯାଇଛନ୍ତି।

## ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ବୋଲଗଡ଼/ଭାପୁର,୧୬।୬(ଡି.ଏନ୍.ଏ.):** ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ବୋଲଗଡ଼ଠାରେ ରବିବାର ସକାଳେ ଏକ କାର୍ ଦୁର୍ଘଟଣାରେ ପୂର୍ବତନ ସରପଞ୍ଚ ପୁତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଭାପୁର ବ୍ଲକ ମନ୍ଦାର ବେରେଣୀ ଗ୍ରାମବାସୀ ତଥା ପୂର୍ବତନ ସରପଞ୍ଚ ନାରାୟଣ ତ୍ରିପାଠୀଙ୍କ ପୁଅ ଦେବାଶିଷ(୨୩)। ବୋଲଗଡ଼ ଥାନା ଆଇଆଇସିଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ବାଇକ୍ ନଂ(ଓଆର୍‌ଡବ୍ଲ୍ୟୁ ୦୮୮୭) ଯୋଗେ ସେ ନୟାଗଡ଼ ଅଭିମୁଖେ ଯାଉଥିଲେ। ତେବେ ବୋଲଗଡ଼ଠାରେ ଏକ କାର୍ ତାଙ୍କ ବାଇକ୍‌କୁ ଧକ୍କା ଦେଇ ଚାଲିଯାଇଥିଲା। ଦୁର୍ଘଟଣାରେ ଦେବାଶିଷ ଓ ଅନ୍ୟ ଜଣେ ଯୁବକ ପ୍ରକାଶ ମହାକୁଡ଼(୨୩) ଗୁରୁତର ହେବାରୁ ସ୍ଥାନୀୟ ଲୋକେ ଉଭୟଙ୍କୁ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଦେବାଶିଷଙ୍କୁ ଡାକ୍ତର ମୃତ ଘୋଷଣା କରିଥିବାବେଳେ ଅଧିକ ଚିକିତ୍ସା ପାଇଁ ପ୍ରକାଶଙ୍କୁ ଭୁବନେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦେବାଶିଷଙ୍କ ପିତା ନାରାୟଣଙ୍କ ଅଭିଯୋଗ କ୍ରମେ ବୋଲଗଡ଼ ଥାନାରେ କେସ୍ ନଂ-୬୭/୧୯ ଅନୁସାରେ ପୋଲିସ ତଦନ୍ତ ଜାରି ରଖିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛି।

## ଆବାସ ଯୋଜନାରୁ ବଞ୍ଚିତ ଗରିବ ପରିବାର

**ଖଣ୍ଡପଡ଼ା ୧୬।୬(ସ୍ୱ.ପ୍ର.)**

■ଜୀବନ ବିତୁଛି ଝାଟିମାଟି ଚାଳଛପର ଘରେ
■ତୁରନ୍ତ ପଦକ୍ଷେପ ପାଇଁ ଦାବି

ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଜନସାଧାରଣଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି। ତେବେ ଏହି ଯୋଜନା ଅନେକ କ୍ଷେତ୍ରରେ କିପରି ବିଫଳ ହୋଇଛି ତାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳେ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବୋଦସା ପଞ୍ଚାୟତରେ। ଏହି ପଞ୍ଚାୟତସ୍ଥ ଗଉଡବୋଦସା ଗ୍ରାମବାସିନ୍ଦା ହେଉଛନ୍ତି ବେଣୁ ବେହେରା। ସେ ଜଣେ ଦିନ ମଜୁରିଆ । ୪ ପ୍ରାଣୀ କୁଟୁମ୍ବଙ୍କୁ ନେଇ ତାଙ୍କ ପରିବାର। ତେବେ ଭଲ ଘର ଖଣ୍ଡିଏ ନ ଥିବାରୁ ପରିବାରବାସୀଙ୍କ ଦିନ ବିତୁଛି ଝାଟିମାଟି, ନୁଆଁଣିଆ ଚାଳଛପର ଘରେ। ଏ ପରିସ୍ଥିତିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ବିଜୁ ପକ୍କାଘର ଯୋଜନାରେ ଏହି ପରିବାରକୁ ଅଦ୍ୟାବଧି ବାସଗୃହଟିଏ ମିଳିପାରିନାହିଁ। ଉକ୍ତ ଯୋଜନାରେ ଗୃହ ନିର୍ମାଣ ନିମନ୍ତେ ୨ ଲକ୍ଷ ଟଙ୍କା ଦିଆଯାଉଥିବାବେଳେ ଏହି ପରିବାର ପ୍ରତି ବ୍ଲକ ପ୍ରଶାସନର କିପରି ଦୃଷ୍ଟିପଡ଼ିନି ସେ ନେଇ ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ବେଣୁଙ୍କ ସ୍ତ୍ରୀ ସରୋଜିନୀ ବୋଦସା ସରପଞ୍ଚଙ୍କଠାରୁ ଆରମ୍ଭ କରି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ପକ୍କାଘରଟିଏ ପାଇଁ ବାରମ୍ବାର ଆବେଦନ କରି ଆସୁଛନ୍ତି। ଖଣ୍ଡପଡ଼ା ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ପ୍ରଦାନପୂର୍ବକ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।


ଆବାସ ଯୋଜନାରୁ ବଞ୍ଚିତ ସରୋଜିନୀ।

## ଡ୍ରେନ ଉପରେ ସ୍ଲାବ ପକାଇବାକୁ ଦାବି

**ଖଣ୍ଡପଡ଼ା,୧୬।୬(ସ୍ୱ.ପ୍ର.)**

ଖଣ୍ଡପଡ଼ା ସହରର ମୁଖ୍ୟ ରାସ୍ତା ପାର୍ଶ୍ୱରେ ପୂର୍ତ୍ତ ବିଭାଗ ପକ୍ଷରୁ ସିମେଣ୍ଟ କଂକ୍ରିଟ୍ ଡ୍ରେନ ଦୀର୍ଘମାସ ପୂର୍ବରୁ ନିର୍ମାଣ କରାଯାଇଛି। ତେବେ ଏହି ଡ୍ରେନ ଉପରେ ସିମେଣ୍ଟ କଂକ୍ରିଟ୍ ସ୍ଲାବ ନ ଥିବାରୁ ବାରମ୍ବାର ଅଘଟଣ ଘଟୁଛି। ଗଭୀର ଖାଲଥିବା ଏହି ଡ୍ରେନ ଖୋଲା ରହିଥିବାରୁ ବିଭିନ୍ନ ସମୟରେ ଗୋରୁ, ଛେଳି ଓ ପିଲାମାନେ ପଡ଼ି ଖଣ୍ଡିଆଖାବରା ହୋଇପଡୁଥିବା ଅଭିଯୋଗ ହେଉଛି। ଡ୍ରେନ ମଧ୍ୟରୁ ଗୃହପାଳିତ ପ୍ରାଣୀମାନଙ୍କୁ ଉଦ୍ଧାର କରିବା ପାଇଁ ଖଣ୍ଡପଡ଼ା ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ଡ୍ରେନ ଉପରେ ତୁରନ୍ତ ସିମେଣ୍ଟ ସ୍ଲାବ୍ ପକାଇବା ନିମନ୍ତେ ଖଣ୍ଡପଡ଼ା ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ରଣପୁର ବିଧାୟକଙ୍କୁ ସମ୍ବର୍ଦ୍ଧନା


ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ନୟାଗଡ଼ ଅଫିସ,୧୬।୬**

ଶରଣକୁଳ ନାଗରିକ ମଞ୍ଚ ପକ୍ଷରୁ ଶନିବାର ସନ୍ଧ୍ୟାରେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ମଞ୍ଚ ସଭାପତି ବିକ୍ରମ କୁମାର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବିଧାୟକ ପ୍ରଧାନ ନିଜ ବକ୍ତବ୍ୟରେ ଲଡୁବାବାଙ୍କ ଆଶୀର୍ବାଦ ଓ ଜନସାଧାରଣଙ୍କ ସହଯୋଗରେ ସେ ଶରଣକୁଳର ସର୍ବାଙ୍ଗୀନ ଉନ୍ନତି କରିବା ପାଇଁ ବଦ୍ଧପରିକର ବୋଲି ପ୍ରକାଶ କରିଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟ ମହେନ୍ଦ୍ରନାଥ ପ୍ରଧାନ, ଶରଣକୁଳ ପୂର୍ବତନ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ଶରଣକୁଳ ସେବା ସମବାୟ ସମିତି ସଭାପତି ରବୀନ୍ଦ୍ର କୁମାର ଚୌଧୁରୀ, ସ୍ୱର୍ଣ୍ଣ ପ୍ରକାଶ ରାଉତରାୟ, ସୋଲପଟା ସରପଞ୍ଚ ସୁଶାନ୍ତ କୁମାର ଜେନା ପ୍ରମୁଖ ଯୋଗଦେଇ ବିଧାୟକଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

■ବୋହୂଙ୍କୁ ବିଷ ପିଆଇ ହତ୍ୟା ଘଟଣା

## ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କୁ ଜେଲ

**ରଣପୁର,୧୬।୬(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ବେରୁକୁଅ ସାହିର ଜଣେ ବୋହୂଙ୍କୁ ଶନିବାର ବିଷ ପିଆଇ ହତ୍ୟା କରାଯାଇଥିବା ରଣପୁର ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ସ୍ୱାମୀ ରମେଶ ପ୍ରଧାନ, ଶ୍ୱଶୁର ଭିକାରୀ, ଶାଶୁ ଭୂତିଙ୍କୁ ରବିବାର ରଣପୁର କୋର୍ଟଚାଲାଣ କରିଛି। ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରଣପୁର ଉପକାରାଗାରକୁ ପଠାଇ ଦିଆଯାଇଛି । ହତ୍ୟାର ଶିକାର ହୋଇଥିବା ବୋହୂ ହେଉଛନ୍ତି ରଣପୁର ଖଟିଆ ସାହିର ରବି ପ୍ରଧାନଙ୍କ ଝିଅ ସସ୍ମିତା। ଖବରରୁ ପ୍ରକାଶ, ବେରକୁଅ ସାହିର ଭିକାରୀ ପ୍ରଧାନଙ୍କ ପୁଅ ରମେଶଙ୍କ ସହ ସସ୍ମିତାଙ୍କ ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା। ତେବେ ୨ ପରିବାର ପକ୍ଷରୁ ଏହି ବିବାହକୁ ବିରୋଧ ପରେ ଉଭୟ ଘରୁ ଲୁଚି ପଳାଇ ଯାଇଥିଲେ । ଏହା ପରେ ପୁଅ ପରିବାର ଲୋକେ ମଣିନାଗ ମନ୍ଦିରରେ ଦୁଇ ଜଣଙ୍କୁ ବିବାହ କରାଇ ଘରକୁ ଆଣିଥିଲେ । ତେବେ ଝିଅ ଘର ଲୋକେ ଏହି ବାହାଘରକୁ ମାନି ନ ଥିଲେ। ଅପରପକ୍ଷେ ବାପଘରୁ ଯୌତୁକ ଆଣିବା ପାଇଁ ଶ୍ୱଶୁର ଘର ବୋହୂ ଉପରେ ଚାପ ପକାଇଥିବା ଅଭିଯୋଗ ହୋଇଥିଲା। ତେଣୁ ଶାଶୁଘର ଲୋକଙ୍କ ସହ ସସ୍ମିତାଙ୍କ ମତାନ୍ତର ହୋଇଥିଲା। ଶୁକ୍ରବାର ସସ୍ମିତା ନିଜ ମା' ଲକ୍ଷ୍ମୀଙ୍କୁ ଫୋନ୍ ଯୋଗେ ସବୁ କଥା କହିଥିଲେ । ଏଥିରେ ରାଗି ଯାଇ ଶାଶୁଘର ଲୋକେ ସସ୍ମିତାଙ୍କୁ ବିଷ ପିଆଇ ହତ୍ୟା କରିଥିବା ସସ୍ମିତାଙ୍କ ବାପଘର ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା।

## ମନେ ପଡ଼ନ୍ତି

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



**✓ ରସିକ ମୋହନ ପଟ୍ଟନାୟକ**
**ଆନନ୍ଦପୁର, ଜଗତ୍‌ସିଂହପୁର**
ଆବିର୍ଭାବ : ୨୨.୧୧.୧୯୩୯
ତିରୋଧାନ: ୧୭.୦୬.୨୦୧୬
ଚାହୁଁ ଚାହୁଁ ତିନି ବର୍ଷ ବିତିଗଲା। ଆପଣଙ୍କର ଅନୁପସ୍ଥିତି ଆମ ଜୀବନରେ ଭରି ଦେଇଛି ଶୂନ୍ୟତା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଏବେବି ଆମ ମନରେ ଉଜ୍ଜିବିତ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଝଙ୍କଡ଼ବାସିନୀ ମା ଶାରଳା ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦତଳେ ପ୍ରାର୍ଥନା।
**ଶୋକସନ୍ତପ୍ତ : ବନ୍ଧୁ ଓ ପରିବାରବର୍ଗ**
ଧ-୧୨୯୮୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଭିମୋ ବିଶ୍ୱାଳ**
ଆବିର୍ଭାବ: ୧୪।୦୮।୧୯୫୩
ତିରୋଧାନ: ୨୮।୦୬।୨୦୧୮
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ଆମକୁ ତୁମେ ଅସମୟରେ ଛାଡ଼ି ଚାଲିଗଲ। ତଥାପି ଲାଗୁଛି ତୁମେ ଆମ ପାଖରେ ଅଛ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେମାନେ ପ୍ରାର୍ଥନା କରୁଛୁ।
**ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତୁମକୁ ଝୁରୁଛନ୍ତି:**
**ପତ୍ନୀ-ସୁଶୀଳା ବିଶ୍ୱାଳ, ପୁଅ, ବୋହୂ, ନାତି, ନାତୁଣୀ, ଝିଅ, ଜ୍ୱାଇଁ ଓ ପରିବାରବର୍ଗ।**
ଧ-୭୫୭୨୧

**ଚତୁର୍ଥ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**✓ ଜିତେନ୍ କୁମାର୍ ସାହୁ**
**(ଜିତୁ ସାର୍)**
**କୋଶଳା, ଅନୁଗୋଳ**
ଆବିର୍ଭାବ : ତା ୦୨.୦୪.୧୯୫୩
ତିରୋଧାନ : ତା ୦୨.୦୫.୨୦୧୫
(ଦେବସ୍ନାନ ପୂର୍ଣ୍ଣିମା)
ଆଜି ତୁମର ଚତୁର୍ଥ ଶ୍ରାଦ୍ଧବାର୍ଷିକ ଦିବସରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗତରନାଥ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ :- ନାତୁଣୀ :- ସାନ୍‌ଭି ଓ ତାନ୍‌ଭି, ପୁଅ :- ବାପୁନି ଓ ପୁପୁନି
ବୋହୂ :- ଗୁଲଠି ଓ ମାନସୀ, ହତଭାଗିନୀ ସ୍ତ୍ରୀ :- ସୀତାରାଣୀ, ବନ୍ଧୁ ଓ ପରିବାର ବର୍ଗ
**ସାନ୍‌ଭି ଫ୍ଲେକ୍ସ ପ୍ରିଣ୍ଟ୍, କୋଶଳା**
ଧ-୧୩୦୦୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସ୍ମିତିପ୍ରଜ୍ଞା ସାହୁ (ରୋଜି)**
**କଟକ**
ଆବିର୍ଭାବ: ୦୩।୧୨।୧୯୮୭
ତିରୋଧାନ: ୨୦।୦୬।୨୦୧୬
**ଦେବସ୍ନାନ ପୂର୍ଣ୍ଣିମା**
ଆଜିର ଦିନରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଓ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦଙ୍କ ପାଖରେ ଏତିକି ଅଳି ଓ ପ୍ରାର୍ଥନା ତୋର ଆତ୍ମାର ସଦ୍‌ଗତି ହେଉ ଓ ଚିର ଶାନ୍ତି ଲାଭକର। ତୋର ଶୁଭଦୃଷ୍ଟି ସଦାସର୍ବଦା ଓମ୍‌ଶ୍ରୀ ଉପରେ ରହିଥାଉ। ଯେତିକି ଲୁହ ତୁ ଦେଇ ଚାଲିଗଲୁ ଆମ ସମସ୍ତଙ୍କ ପାଇଁ ସାରା ଜୀବନ ବି କାନ୍ଦିଲେ ରୋଜି ଲୋ ହୁଏତ ସରିବ ନାହିଁ।
**ଶୋକସନ୍ତପ୍ତ: ତୋର ବାବା, ମାମା, ଲୋନି, ଓମ୍‌ଶ୍ରୀ, ବନ୍ଧୁ ଓ ପରିବାରବର୍ଗ।**
ଧ-୧୨୯୨୦

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଡଃ ନୃସିଂହ ଚରଣ ମହାନ୍ତି**
ଭୋଇନଗର, ଭୁବନେଶ୍ୱର
ତିରୋଧାନ: ୨୯।୦୫।୨୦୧୮
ଜ୍ୟେଷ୍ଠ ସ୍ନାନପୂର୍ଣ୍ଣିମା
ହେ ପୁଣ୍ୟାତ୍ମା ଆପଣଙ୍କ ବିୟୋଗରେ ଆମେ ଅତ୍ୟନ୍ତ ମ୍ରିୟମାଣ। ଆପଣଙ୍କ ଅନୁପସ୍ଥିତିର ଶୂନ୍ୟତା ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଗଭୀର ଶ୍ରଦ୍ଧାଞ୍ଜଳି ଓ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଲ ଗୌରଗୋବିନ୍ଦ ମହାରାଜଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବିନମ୍ର ପ୍ରାର୍ଥନା କରୁଅଛୁ।
**ଶୋକସନ୍ତପ୍ତ:**
**ପରିବାର, ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ**
ଧ-୧୨୯୮୩